بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 11

ସାପ୍ତାହିକ
ବଦର
Weekly BADAR Qadian Odia
କାଦିଆନ

ସଂଖ୍ୟା: 12

ବାର୍ଷିକ ଦେୟ : 600/-

**ସମ୍ପାଦକ:**

କମୁଲ୍ ହକ୍ ଖାନ୍

**ସହ ସମ୍ପାଦକ:**

ସୟଦ୍ ଅତାଉଲ୍ ୱାହାବ

30 ରମଜାନ୍, 1447 ହି.କ, 19 ଅମାନ୍ 1405 ହି.ଶ, 19 March 2026 ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

وَاِذَا سَاَلَکَ عِبَادِیۡ عَنِّیۡ فَاِنِّیۡ قَرِیۡبٌ ؕ اُجِیۡبُ دَعۡوَۃَ الدَّاعِ اِذَا دَعَانِ ۙ فَلۡیَسۡتَجِیۡبُوۡا لِیۡ وَلۡیُؤۡمِنُوۡا بِیۡ لَعَلَّہُمۡ یَرۡشُدُوۡنَ ○

(ଅଲ୍ ବକ୍ରାହ୍: 188)

**ଅନୁବାଦ:** ଏବଂ ହେ ରସୁଲ ! ଯେବେ ଆମ୍ଭ ଭକ୍ତମାନେ ତୁମ୍ଭଙ୍କୁ ଆମ୍ଭ ସଂକ୍ରାନ୍ତରେ ପ୍ରଶ୍ନ କରିବେ ତେବେ କୁହ କି ଆମ୍ଭେ ସେମାନଙ୍କ ନିକଟରେ ଅଛୁ । ପ୍ରାର୍ଥନାକାରୀ ଯେବେ ବି ଆମ୍ଭଙ୍କୁ ପ୍ରାର୍ଥନା କରେ ତେବେ ଆମ୍ଭେ ତାହାର ପ୍ରାର୍ଥନାକୁ ସ୍ୱୀକାର ବା ଗ୍ରହଣ କରିଥାଉ ।

## ଅହମଦିୟା ଖବର

**ଅଲହମଦୁଲିଲ୍ଲାଃ**

ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

**ଆଁହଜରତ୍ ସ.ଅଙ୍କ ବାଣୀ**

## ରମ୍‌ଜାନ୍ ମାସ ଦୟା, କରୁଣା, କ୍ଷମା ଓ ନର୍କାଗ୍ନିରୁ ମୁକ୍ତି ପ୍ରାପ୍ତ କରିବାର ମାଧ୍ୟମ ଅଟେ ।

ହ. ସଲ୍‌ମାନ୍ ଫାର୍ସି ର.ଅ ବର୍ଣ୍ଣନା କରନ୍ତି ଯେ, ଶାବାନ୍ ମାସର ଶେଷ ଦିନରେ ଆଁହଜରତ୍ ସ.ଅ ଆମମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ, "ହେ ଲୋକମାନେ ! ତୁମମାନଙ୍କ ନିମନ୍ତେ ଏକ ମହାନ ସୁରକ୍ଷାକାରୀ ମାସ ଆସିଅଛି । ସେହି ମାସ ଏପରି କଲ୍ୟାଣମୟ ମାସ ଯାହାର ଗୋଟିଏ ରାତ୍ର ସହସ୍ର ରାତ୍ର ଅପେକ୍ଷା ସର୍ବୋତ୍ତମ ଅଟେ। ସେହି ଅଲ୍ଲାଃତାଲା ରୋଜା ଅନିର୍ବାର୍ଯ୍ୟ କରିଛନ୍ତି ଏବଂ ସେହି ମାସର ରାତ୍ର ସମୟରେ ନଫିଲ୍ ନମାଜ୍ ପାଠ କରିବା ଧାର୍ଯ୍ୟ କରିଛନ୍ତି । ଅତଏବ୍ ଯେକେହି ଉକ୍ତ ମାସରେ ନୱାଫିଲ୍ ସହିତ ପ୍ରଭୁଙ୍କ ସାନିଧ୍ୟତା ପ୍ରାପ୍ତ କରିବାକୁ ଚାହୁଁଛି ତେବେ ସେହି ବ୍ୟକ୍ତି ରମଜାନ ମାସ ବ୍ୟତୀତ ସେହି କର୍ତ୍ତବ୍ୟ ସମ୍ପାଦନ କରୁ ଯେଉଁ କର୍ତ୍ତବ୍ୟକୁ ସେ ରମଜାନ୍ ମାସ ବ୍ୟତୀତ ଅନ୍ୟ ଦିନରେ ସମ୍ପାଦନ କରିଥାଏ । ଅର୍ଥାତ୍ ବ୍ୟକ୍ତି ରମଜାନ ମାସ ବ୍ୟତୀତ ଅନ୍ୟ ଦିନମାନଙ୍କରେ 70ଟି ଅନିର୍ବାର୍ଯ୍ୟ କର୍ତ୍ତବ୍ୟ ସମ୍ପାଦନ କରିଥାଏ । ଏହି ମାସ ହେଉଛି ଧୈର୍ଯ୍ୟର ମାସ ଏବଂ ଧୈର୍ଯ୍ୟର ପ୍ରତିଫଳ ସ୍ୱର୍ଗ ଅଟେ । ଏହି ମାସ ହେଉଛି ପରର ଦୁଃଖ ଲାଘବ କରିବାର ମାସ । ଏହା ଏପରି ଏକ ପବିତ୍ର ମାସ ଯହିଁରେ ବିଶ୍ୱାସକାରୀର ରିଜକ୍ (ଜୀବିକା) ବୃଦ୍ଧି ପାଇଥାଏ ଏବଂ ଏହି ମାସରେ କୌଣସି ରୋଜା ରଖିଥିବା ବ୍ୟକ୍ତିକୁ ଯଦି ଇଫ୍‌ତାର୍ (ଓଷ ଫିଟାଇବା ନିମନ୍ତେ ଗ୍ରହଣ କରାଯାଉଥିବା ଆହାର ତଥା ଆନ୍ୟାନ୍ୟା ଖାଦ୍ୟ ପଦାର୍ଥ) କରାଏ ତେବେ ଏହା ତା' ପାଇଁ ପାପ ଏବଂ ମୋକ୍ଷ ପ୍ରାପ୍ତି ତଥା ନିଜକୁ ନର୍କାଗ୍ନିରୁ ମୁକ୍ତି କରାଇବା କାରଣ ହୋଇଥାଏ । ଇଫ୍‌ତାର୍ କରାଉଥିବା ବ୍ୟକ୍ତି ସ୍ୱୟଂ ରୋଜା ରଖୁଥିବା ବ୍ୟକ୍ତି ପରି ପୁଣ୍ୟାର୍ଜନ କରିଥାଏ ଏବଂ ଏହା ଦ୍ୱାରା (ଇଫ୍‌ତାର୍ କରାଇବା) ଦ୍ୱାରା ରୋଜା ରଖୁଥିବା ବ୍ୟକ୍ତିର ପୁଣ୍ୟରେ କୌଣସି ତାରତମ୍ୟ (ପୁଣ୍ୟ ହ୍ରାସ ପାଇବା) ହେବ ନାହିଁ । ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ରୋଜା ରଖୁଥିବା ବ୍ୟକ୍ତିକୁ ଇଫ୍–ତାର୍ (ଓଷା ଫିଟାଇବାର) ସାମର୍ଥ୍ୟତା ରଖେ ନାହିଁ । ତେବେ ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ଏହି ପୁଣ୍ୟ ସେହି ବ୍ୟକ୍ତିକୁ ମଧ୍ୟ ପ୍ରାପ୍ତ ହେବ ଯିଏ ଅନ୍ୟ ରୋଜାଜାଦାରକୁ ଢୋକେ, ଦି ଢୋକେ ପାଣି କିମ୍ବା ଖଜୁରୀ କୋଳି ଇଫ୍‌ତାରୀ (ଖୁଆଇବା) କରାଏ ତେବେ ସେହି ବ୍ୟକ୍ତିକୁ ମଧ୍ୟ ପୁଣ୍ୟ ପ୍ରାପ୍ତ ହେବ । ସେହିପରି ଯେଉଁ ବ୍ୟକ୍ତି ରୋଜାଦାରା ବ୍ୟକ୍ତିକୁ ପେଟପୂରି ଆହାର ଖୁଆଏ ତେବେ ଅଲ୍ଲାଃ ସେହି ବ୍ୟକ୍ତିକୁ ବୈକୁଣ୍ଠ ମଧ୍ୟରେ ଥିବା ଜଳକୁଣ୍ଡରୁ ସେଚିତ କରିବେ ଏବଂ ସେହି ବ୍ୟକ୍ତି ସ୍ୱର୍ଗରେ ପ୍ରବେଶ କରିବା ପର୍ଯ୍ୟନ୍ତ ଶୋଷିଲା ରହିବ ନାହିଁ । ଏହି ମାସ ହେଉଛି ଏପରି ମାସ ଯାହାର ପ୍ରାରମ୍ଭିକ 10 ଦିନ ରହମତ୍, ଦ୍ୱିତୀୟ 10 ଦିନ ମଗ୍‌ଫରିତ୍ ଓ ତୃତୀୟ 10 ଦିନ ନର୍କାଗ୍ନିରୁ ମୁକ୍ତି ପ୍ରାପ୍ତ କରିବାର ଦିନ ଅଟେ । ଯେଉଁ ବ୍ୟକ୍ତି ଉକ୍ତ ମାସରେ ନିଜ ଚାକରର କାର୍ଯ୍ୟକୁ ହାଲୁକା (କୋହଳ ନୀତି ଅବଲମ୍ବନ)କରେ ଅର୍ଥାତ୍ ସହଜତା ସୃଷ୍ଟି କରେ ତେବେ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ କ୍ଷମା ପ୍ରଦାନ କରି ତାକୁ ନର୍କାଗ୍ନିରୁ ମୁକ୍ତି ପ୍ରଦାନ କରିବେ ।" ☆--☆--☆

**ହଜରତ୍ ମସିହ୍ ମଉଦ୍ ଅ.ସଙ୍କ ନିତୀବାଣୀ**

## ବିଶ୍ୱାସକାରୀ ବ୍ୟକ୍ତି ପକ୍ଷେ ଏହା ଉଚିତ୍ ହେବ କି ସେ ନିଜର ଅସ୍ତିତ୍ୱ ମାଧ୍ୟମରେ ନିଜକୁ ଅଲ୍ଲାଃତାଲାଙ୍କ ମାର୍ଗରେ ବୀର ବୋଲି ସାବ୍ୟସ୍ତ କରୁ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଯଦି ଅଲ୍ଲାଃତାଲା ଚାହିଁ ଥାଆନ୍ତେ ତେବେ ସେ ଅନ୍ୟ ଧର୍ମ ଓ ଧର୍ମାବଲମ୍ବୀଙ୍କ ପିର ଏହି ଧର୍ମରେ କୌଣସି କଟକଟଣା ରଖି ନଥାଆନ୍ତେ । କିନ୍ତୁ ସେହି କଟକଟଣା ହିତ ସକାଶେ ଉଦ୍ଦିଷ୍ଟ ଅଟେ । ମୋ ନିକଟରେ ବାସ୍ତବତା ଏହିକି ଯେ, ଯେତେବେଳେ ମନୁଷ୍ୟ ସତ୍ୟନିଷ୍ଠତାର ସହିତ ବା ସତ୍ୟନିଷ୍ଠ ହୋଇ ଈଶ୍ୱରଙ୍କ ନିକଟରେ ଏହା କୁହେ କି ହେ ଈଶ୍ୱର ! ତୁମ୍ଭେ ଏହି ମାସରେ ମୋତେ ବଞ୍ଚିତ ରଖ ନାହିଁ । ତେବେ ଈଶ୍ୱର ସେହି ବ୍ୟକ୍ତିକୁ ଉକ୍ତ ପବିତ୍ର ମାସରେ ବଞ୍ଚିତ ରଖନ୍ତି ନାହିଁ । ଏପରି ଅବସ୍ଥାରେ ଯଦି ମନୁଷ୍ୟ ରମଜାନ୍ ମାସରେ ଅସୁସ୍ଥ ହୋଇଯାଏ ତେବେ ଏହି ଅସୁସ୍ଥତା ଏବଂ ରୋଗ ତା' ନିମନ୍ତେ ଦୟା (କୃପା ଓ କରୁଣା) ସାବ୍ୟସ୍ତ ହୋଇଥାଏ । କାରଣ ପ୍ରତ୍ୟେକ କର୍ମ ଅନ୍ତର୍ନିହିତ ଉଦ୍ଦେଶ୍ୟ ଉପରେ ହିଁ ନିର୍ଭରଶୀଳ ଅଟେ । ଅତଏବ୍ ବିଶ୍ୱାସକାରୀ ବ୍ୟକ୍ତି ପକ୍ଷେ ଏହା ଉଚିତ୍ ହେବ ଯେ, ସେ ନିଜର ଅସ୍ତିତ୍ୱ ମାଧ୍ୟମରେ ନିଜକୁ ଅଲ୍ଲାଃତାଲାଙ୍କ ମାର୍ଗରେ ବୀର ବୋଲି ସାବ୍ୟସ୍ତ (ବିବେଚିତ) କରୁ । ଯେଉଁ ବ୍ୟକ୍ତି ରୋଜା (ଓଷା)ରୁ ବଞ୍ଚିତ ରହିଥାଏ କିନ୍ତୁ ତା' ମନରେ ବେଦନାପୂର୍ବକ ଏହି ଆକାଂକ୍ଷା ରହିଥିଲା ଯେ, ଏପରି ହୁଅନ୍ତା କି ମୁଁ ଯଦି ସୁସ୍ଥ ଥାଆନ୍ତି ତେବେ ମୁଁ ମଧ୍ୟ ରୋଜା ରଖିଥାଆନ୍ତି । ସେହି ବ୍ୟକ୍ତିର ହୃଦୟ ଉକ୍ତ କଥା ଯୋଗୁଁ ରୋଦନ ଏବଂ ବିଳାପ କରିଥାଏ ଯେ, ମୁଁ ଅସୁସ୍ଥ ଅଟେ ଏବଂ ମୋର ସ୍ୱାସ୍ଥ୍ୟାବସ୍ଥା ଏପରି ଅଟେ । ତେଣୁ ମୁଁ ଯଦି ଅସୁସ୍ଥ ନଥାଆନ୍ତି ତେବେ ଈଶ୍ୱର ମୋତେ କଦାପି ରୋଜାରୁ ବଞ୍ଚିତ ରଖନ୍ତେ ନାହିଁ । ଏହା ହେଉଛି ଏକ ସୂକ୍ଷ୍ମ ପ୍ରସଙ୍ଗ, ଅର୍ଥାତ୍ ଯଦି କୌଣସି ବ୍ୟକ୍ତି ଉପରେ (ନିଜର ଆଳସ୍ୟପରାୟଣତା ଯୋଗୁଁ) ରୋଜା କଷ୍ଟକର ଲାଗେ ଏବଂ ସେ ନିଜ ଧାରଣାରେ ଏହା ମନେକରେ ଯେ, ମୁଁ ଅସୁସ୍ଥ ଅଟେ ଏବଂ ମୋର ସ୍ୱାସ୍ଥ୍ୟାବସ୍ଥା ଏପରି ଅଟେ ଯେ, ଯଦି ମୁଁ ଗୋଟିଏ ଓଳି ନଖାଏ ତେବେ ମୋତେ ଅମକ ଅମକ ରୋଗ ହୋଇଯିବ ଓ ମୁଁ ରୋଗାକ୍ରାନ୍ତ ହୋଇଯିବି । ମୋର ଏହା ହୋଇଯିବ ଓ ତାହା ହୋଇଯିବ । ତେବେ ଏପରି ବ୍ୟକ୍ତି ଈଶ୍ୱରଙ୍କ ପୁରସ୍କାରକୁ ନିଜେ ନିଜ ଉପରେ କଷ୍ଟ ବୋଲି ମନେକରିଥାଏ ତେଣୁ ସେହି ବ୍ୟକ୍ତି କେବେ ଓ କିପରି ସେହି ପୁଣ୍ୟର ଅଧିକାରୀ ହୋଇପାରିବ । ହଁ ସେହି ବ୍ୟକ୍ତି ଯାହାର ମନ ଉକ୍ତ କଥା ଦ୍ୱାରା ପ୍ରସନ୍ନ ଯେ, ରମଜାନ୍ ମାସ ଆସିଗଲା ଏବଂ ସେ ଉକ୍ତ ମାସର ଅପେକ୍ଷାରତ ଥିଲା (ଉକ୍ତ ମାସକୁ ଅପେକ୍ଷା କରି ବସିଥିଲା) ଯେ, ସେହି ମାସ ଆସିଲେ ମୁଁ ରୋଜା ରଖିବି, ଯଦି ସେହି ବ୍ୟକ୍ତି ରୋଜା ରଖି ପାରିଲା ନାହିଁ ତେବେ ସେହି ବ୍ୟକ୍ତି ଆକାଶ ଲୋକରେ (ପ୍ରଭୁଙ୍କ ନିକଟରେ) ରୋଜାରୁ ବଞ୍ଚିତ ହେବ ନାହିଁ ।"

**(ତଫ୍‌ସିର୍ ମସିହ୍ ମଉଦ୍ ଅ.ସ, ଗ୍ରନ୍ଥଖଣ୍ଡ-1, ପ୍ରକାଶନ ସ୍ଥାନ-ନଜାରତ୍ ନଶ୍ରୋ ଇଶାଅତ୍, କାଦିୟାନ୍, ଦ୍ୱିତୀୟ ସଂସ୍କରଣ, ପ୍ରକାଶନ ବର୍ଷ-2004 ମସିହା, ପୃ-262)**

**ତଫ୍‌ସିର୍ କବିରରୁ ଉଦ୍ଧୃତ ଆଲେଖ୍ୟ**

## ରମ୍‌ଜାନୁଲ୍ ମୁବାରକ୍ ମାସରେ ପବିତ୍ର କୁରଆନ୍ କରୀମ୍‌ର ଦୌର୍ ସଂପୂର୍ଣ୍ଣ କରିବାର ମାହାତ୍ମ୍ୟତା

ସୟେଦିନା ହ. ମୁସଲେହ୍ ମଉଦ୍ ର.ଅ ସୁରତୁଲ୍ ଗାଶିୟାହର ଆୟତ୍ ସଂଖ୍ୟା 22 شَہۡرُ رَمَضَانَ الَّذِیۡۤ اُنۡزِلَ فِیۡہِ الۡقُرۡاٰنُ ର ବ୍ୟାଖ୍ୟା କରି କୁହନ୍ତି: "ଏହାର ତୃତୀୟ ଅର୍ଥ ଏହିକି ଯେ, ରମ୍‌ଜାନ୍ ମାସ ହେଉଛି ସେହି ମାସ ଯହିଁରେ ପବିତ୍ର କୁରଆନ୍ କରୀମ୍ ଅବତୀର୍ଣ୍ଣ ହୋଇଛି । ଯେପରିକି ଆହାଦିସ୍‌ରେ ହ. **(ଅବଶିଷ୍ଟାଂଶ.......ପୃ-09ରେ)**

## ସମ୍ପାଦକୀୟ

## ଭାରତର ଅହମଦିମାନଙ୍କ ନିମନ୍ତେ ଉର୍ଦ୍ଦୁ ଭାଷାର ମହତ୍ତ୍ୱ

ଯଦିଓ ତ୍ରୟୋଦଶ ଶତାବ୍ଦୀରେ ଉର୍ଦ୍ଦୁ ଭାଷା ଆରମ୍ଭ ହୋଇ ସାରିଥିଲା । କିନ୍ତୁ ଭାରତବର୍ଷ ନାନା ଅଞ୍ଚଳରେ ସଭ୍ୟତା, ସାଂସ୍କୃତିକ ଏବଂ ଭାଷାଗତ ମିଶ୍ରଣରେ ପରିପୂର୍ଣ୍ଣ ହୋଇ ଖ୍ରୀଷ୍ଟାବ୍ଦ 18 ଶହ ଶତାବ୍ଦୀର ଶେଷାର୍ଦ୍ଧରେ ଭାଷା ଜ୍ଞାନ ସଂପର୍କରେ ନିଜର ବିଶେଷତାରେ ଉନ୍ନତି ପ୍ରାପ୍ତ କରି ସାରିଥିଲା ଏବଂ ଏହି ଭାଷା ଏତେ ଯୋଗ୍ୟ ହୋଇଯାଇଥିଲା ଯେ, ଭାରତର ଅନେକ ଅଞ୍ଚଳ ଏବଂ ଅନେକ ଧର୍ମର ଲୋକମାନେ ଏହି ଭାଷାକୁ ବୁଝିପାରୁଥିଲେ । ତେଣୁ ଅଲ୍ଲାଃତାଲା ପୁଣ୍ୟଶ୍ଲୋକ ହ. ମିର୍ଜା ଗୁଲାମ୍ ଅହମଦ କାଦିୟାନୀ ପ୍ରତିଶ୍ରୁତ ମସିହ୍ ଓ ଅଙ୍ଗୀକୃତ ମେହ୍‌ଦୀ ଅ.ସଙ୍କ ବାଣୀର ଅନେକ ପୁସ୍ତକ ଉର୍ଦ୍ଦୁ ଭାଷାରେ ରଚିତ ହୋଇଛି ।

ଯଦିଓ ଆପଣ ଅ.ସ ଆରବୀ ଏବଂ ଫାର୍ସି ଭାଷାରେ ପୁସ୍ତକ ରଚନା କରିଛନ୍ତି ଏବଂ ଆପଣ ଅ.ସଙ୍କର ପ୍ରଭାବଶାଳୀ ବାଣୀ ଆରବୀ ଭାଷାରେ ବିଦ୍ୟମାନ ରହିଛି । ଠିକ୍ ସେହିପରି ଆପଣ ଅ.ସଙ୍କ ଉପରେ ଯେଉଁ ଐଶୀବାଣୀ ଅବତୀର୍ଣ୍ଣ ହେଲା ତାହା ମଧ୍ୟ ଉର୍ଦ୍ଦୁ ଭାଷା ବ୍ୟତୀତ ଅଧିକାଂଶ ଆରବୀ ଓ ଫାର୍ସି ଭାଷାରେ ମଧ୍ୟ ହୋଇଛି । ଏପର୍ଯ୍ୟନ୍ତକି ଇଂରାଜୀ ଓ ହିନ୍ଦୀ ଭାଷାରେ ମଧ୍ୟ ଆପଣ ଅ.ସଙ୍କ ଉପରେ ଐଶୀବାଣୀ ଅବତୀର୍ଣ୍ଣ ହୋଇଛି । କିନ୍ତୁ ଆପଣ ଅ.ସଙ୍କ ଅଧିକ କବିତାବଳୀ ଉର୍ଦ୍ଦୁ ଭାଷାରେ ଲିଖିତ ଏବଂ ରଚିତ ।

ଯେପରି ଉର୍ଦ୍ଦୁ ଭାଷା ଶୈଳୀରେ ଫାର୍ସି ଏବଂ ଆରବୀ ଭାଷାର ଲିଖନଶୈଳୀର ସାଦୃଶ୍ୟତା ରହିଛି । ଠିକ୍ ସେହିପରି ହିନ୍ଦି ଭାଷା ସଂସ୍କୃତ ଲିପି ଏବଂ ଭାଷା ଶୈଳୀରେ ଲିଖିତ ଅଟେ । କିନ୍ତୁ ସାଂପ୍ରତିକ କାଳର କଥନଶୈଳୀ ହିନ୍ଦୀ କୁହାଳି ଲୋକମାନେ ମଧ୍ୟ ଉର୍ଦ୍ଦୁ ଭାଷାକୁ ଭଲ ଭାବରେ ବୁଝି ପାରନ୍ତି । ବର୍ତ୍ତମାନ ତ' ଭାରତରେ ଉର୍ଦ୍ଦୁ ଏବଂ ହିନ୍ଦୀ ଲିପି ଯଦିଓ ଭିନ୍ନ ଭିନ୍ନ ରହିଛି । କିନ୍ତୁ ଏହି ଭାଷା ଦ୍ୱୟ କହୁଥିବା ଲୋକମାନଙ୍କ ସଂପର୍କରେ ଏହା କୁହା ଯାଇପାରିବ ଯେ, ବର୍ତ୍ତମାନ ଏହି ଭାଷା ଦ୍ୱୟକୁ ପରସ୍ପର ଠାରୁ ପୃଥକ୍ କରାଯାଇପାରିବ ନାହିଁ ।

ଉର୍ଦ୍ଦୁ ଭାଷାର ଏକ ସ୍ୱାତନ୍ତ୍ର୍ୟତା ରହିଛି । ତାହା ଏହିକି ଯେ, ଆରବୀ ଏବଂ ଫାର୍ସି ଉର୍ଦ୍ଦୁ ଭାଷାର ନିକଟବର୍ତ୍ତୀ ଭାଷା ହୋଇଥିବାରେ ଉର୍ଦ୍ଦୁ ଭଷା ଜାଣିଥିବା ଭାଷୀମାନେ ପୁରାତନ ଆରବୀ ଏବଂ ଫାର୍ସି ଉତ୍ତରାଧିକାରୀଙ୍କୁ ଅତି ସହଜରେ ଆକର୍ଷିତ କରିପାରିବେ । କେବଳ ସେତିକି ନୁହେଁ ବରଂ ଏହାର ଉନ୍ନତି ତଥା ବିକାଶ ମଧ୍ୟ ସାଧନ କରିପାରିବେ ଓ ତାହା ହିଁ ହୋଇଛି ।

ଯଦି ବିଗତ ତିନି ଶହ ବର୍ଷ ମଧ୍ୟରେ ପ୍ରକାଶିତ ହୋଇଥିବା ଉର୍ଦ୍ଦୁ ପୁସ୍ତକକୁ ଅବଲୋକନ କରାଯାଏ ତେବେ ସ୍ପଷ୍ଟ ରୂପେ ଏହା ଜ୍ଞାତ ହୋଇଥାଏ ଯେ, ସେହି ପୁସ୍ତକଗୁଡ଼ିକ ଇସ୍‌ଲାମ୍ ଧର୍ମାବଲମ୍ବୀମାନଙ୍କୁ ଇସ୍‌ଲାମୀୟ ଗୃହୀତ ପୁସ୍ତକର ନିକଟବର୍ତ୍ତୀ କରାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି ।

ଏଥି ସଂକ୍ରାନ୍ତରେ ସୟେଦିନା ହ. ମସିହ୍ ମଉଦ୍ ଅ.ସ ଏକ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ବର୍ଣ୍ଣନା କରିଛନ୍ତି । ଆପଣ ଅ.ସ କୁହନ୍ତି: "ଯେହେତୁ ଆଁହଜରତ୍ ସ.ଅ ସକଳ ବିଶ୍ୱର ସଂଶୋଧନ ତଥା ସୁଧାର ନିମନ୍ତେ ଅବତୀର୍ଣ୍ଣ ହୋଇଥିଲେ, ତେଣୁ ସୁରାଃ ଅଲ୍ ଜୁମାର ଏହି ଆୟତ୍ ଅର୍ଥାତ୍ واخرين منهم لما يلحقوا بهم ରେ ଆପଣ ସ.ଅଙ୍କ ଦୁଇଟି ଆଗମନ ନିୟତିକୃତ ଥିଲା । 1- ପ୍ରଥମ ଆଗମନରେ ସତ୍‌ମାର୍ଗ ସଂପୂର୍ଣ୍ଣ ହେଲା କିନ୍ତୁ ପ୍ରଥମ ଆଗମନରେ ଯେହେତୁ ସତ୍‌ମାର୍ଗ ସଂପୂର୍ଣ୍ଣ ହେଲା, ସଂସାରରେ ସତ୍‌ମାର୍ଗର ପ୍ରକାଶନର ସାଧନ ଉପଲବ୍ଧ ନଥିଲା ତେଣୁ ଆପଣ ସ.ଅଙ୍କ ଦ୍ୱିତୀୟ ଆଗମନ ଯାହାକି ସତ୍‌ମାର୍ଗର ପୂର୍ଣ୍ଣ ପ୍ରକାଶନର ଆଗମନ ଅଟେ, ପ୍ରକାଶନର ସାଧନ ଉପଲବ୍ଧ ହୋଇଯିବା ପରେ ଆପଣ ସ.ଅ ପୂର୍ଣ୍ଣ ବୁରୁଜ୍ (ଛାୟୀ ବା ପ୍ରତିଷ୍ଠାନିକ ଧର୍ମ ବୈଧାନିକ ରହିତ ଅବତାର) ଇମାମ୍ ମେହ୍‌ଦୀ ତଥା ପ୍ରତିଶ୍ରୁତ ମସିହ୍ ମଉଦ୍ ଅ.ସଙ୍କ ମାଧ୍ୟମରେ ନିୟତିକୃତ ଥିଲା ।

ପୁନଶ୍ଚ ଏଥି ନିମନ୍ତେ ଈଶ୍ୱର ଯେଉଁ ଭାଷାକୁ ଚୟନ କଲେ ତାହା ଉର୍ଦ୍ଦୁ ଭାଷା ହିଁ ଥିଲା ଏବଂ ଭାରତର ଉର୍ଦ୍ଦୁ ଭଷା ଅନ୍ୟ ଭାଷାମାନଙ୍କ ଅପେକ୍ଷା ବା ତୁଳନାରେ ମସିହ୍ ମଉଦ୍ ଅ.ସଙ୍କ କାଳରେ ଏପରି ହୋଇଯାଇଥିଲା ଯେ, ଉର୍ଦ୍ଦୁ ଭାଷା ସେହିସବୁ ବିଷୟବସ୍ତୁର ଭାରକୁ ବହନ କରିପାରିବ ଯେଉଁ ଭାଷା ହ. ମସିହ୍ ମଉଦ୍ ଅ.ସ ବର୍ଣ୍ଣନା କରୁଥିଲେ ।

ଯେଉଁ ଐଶୀବାଣୀଗୁଡ଼ିକ ଆପଣ ଅ.ସଙ୍କ ଉପରେ ଅବତୀର୍ଣ୍ଣ ହୋଇଥିଲା ତାହା ମାନବର ହୃଦୟକୁ ଆକୃଷ୍ଟ କରି କରିବା ସହିତ ସଂଶ୍ଲୀଷ୍ଟ ମଧ୍ୟ କରିପାରିବ । ଏଥି ସଂକ୍ରାନ୍ତରେ ଆପଣ ଅ.ସ କୁହନ୍ତି: "ତର୍କାନୁଯାୟୀ ଆୟତ୍ واخرين منهم لما يلحقوا بهم ଏବଂ قل يايها الناس انى رسول الله اليكم جميعًا ଆଁହଜରତ୍ ସ.ଅଙ୍କ ଦ୍ୱିତୀୟ ଆଗମନର ଆବଶ୍ୟକତା ପଡ଼ିଲା ଏବଂ ସେହି ସମସ୍ତ ସେବକ ଯେଉଁମାନେ ରେଳ, ତାର ଏବଂ ଅଗନ୍ ବୋଟ୍, ପ୍ରକାଶନ, ଉତ୍ତମ ବ୍ୟବସ୍ଥା ଓ ପାରସ୍ପାରିକ ଭାଷାର ଜ୍ଞାନ ଏବଂ ବିଶେଷ କରି ଭାରତରେ ଉର୍ଦ୍ଦୁ ଭାଷା ମୁସଲମାନମାନଙ୍କ ମଧ୍ୟରେ ଏବଂ ହିନ୍ଦୁ ଭାଷା ମଧ୍ୟରେ ଏକତ୍ରିତ ହୋଇଯାଇଥିଲା ଆଁହଜରତ ସ.ଅଙ୍କ ସେବାରେ ନିଜ ତୁଣ୍ଡରୁ ନିଜ ଅବସ୍ଥା ସଂପର୍କରେ ନିବେଦନ କଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ସମସ୍ତେ ଖୁଦାମ୍ (ସେବକ) ଉପସ୍ଥିତ ଅଟୁ ଏବଂ ପ୍ରକାଶନର ଦାୟିତ୍ୱ ନିର୍ବାହ କରିବା ନିମନ୍ତେ ମନ ଓ ପ୍ରାଣର ସହିତ ଚେଷ୍ଟିତ ଅଟୁ । ଆପଣ ଆସନ୍ତୁ ଏବଂ ନିଜର ସେହି କର୍ତ୍ତବ୍ୟକୁ ସଂପୂର୍ଣ୍ଣ (ନିର୍ବାହ) କରନ୍ତୁ । କାରଣ ଆପଣ ସ.ଅଙ୍କର ଯେଉଁ ଦାବି ରହିଥିଲା ଯେ, ଆପଣ ସମଗ୍ର ମାନବ ଜାତି ନିମନ୍ତେ ଆସିଛନ୍ତି ।

ବର୍ତ୍ତମାନ ଏହି ସମୟ ହେଉଛି ସେହି ସମୟ ଯେଉଁ ସମୟରେ ଆପଣ ସ.ଅ ଭୂପୃଷ୍ଠସ୍ଥ ସମଗ୍ର ମାନବଜାତିକୁ ପବିତ୍ର କୁରଆନ୍ କରୀମର ଧର୍ମ ପ୍ରଚାର କରିପାରିବେ ଓ ପ୍ରକାଶନକୁ ଆପଣ ଚରମ ସୀମା ପର୍ଯ୍ୟନ୍ତ ଉପନୀତ (ପହଞ୍ଚାଇ) ପାରିବେ ତଥା ସତ୍ୟକୁ ସିଦ୍ଧ କରିବା ନିମନ୍ତେ ସମସ୍ତ ଲୋକମାନଙ୍କ ମଧ୍ୟରେ ପବିତ୍ର କୁରଆନ୍ କରୀମ୍‌ର ସତ୍ୟାତ୍ମକ ପ୍ରମାଣ ପରିବ୍ୟାପ୍ତ କରି ପାରିବେ । ସେତେବେଳେ ଆପଣ ସ.ଅଙ୍କ ଆଧ୍ୟାତ୍ମିକତା ଏହି ଉତ୍ତର ଦେଲା ଯେ, ଦେଖ ମୁଁ ବୁରୁଜ୍ (ଛାୟୀ) ରୂପେ ଆସୁଛି । କିନ୍ତୁ ମୁଁ ଭାରତ ବର୍ଷରେ ଆସିବି । କାରଣ ଧର୍ମର ଉତ୍ସାହ ଏବଂ ସମସ୍ତ ଧର୍ମ ଏକତ୍ରିତ ହେବ ଏବଂ ମହୁ ମାଛିଙ୍କ ପରି ସକଳ ଧର୍ମ ମଧ୍ୟରେ ପ୍ରତିଯୋଗୀତା ଏବଂ ଶାନ୍ତି ଓ ସ୍ୱାଧୀନତା ଏଠାରେ ପ୍ରାପ୍ତ ହେବ।"

**(ତୋହଫା ଗୋଲଡ଼ୱିୟା, ପୃ-164-165, ପ୍ରକାଶନ ସ୍ଥାନ, କାଦିୟାନ୍)**

ଅତଏବ୍ ଉପରୋକ୍ତରେ ବର୍ଣ୍ଣିତ ଏବଂ ଚର୍ଚ୍ଚିତ ପ୍ରାମାଣ୍ୟର ପ୍ରକାଶରେ ଭାରତର ଅହମଦିମାନେ ଯେଉଁମାନେ ଉର୍ଦ୍ଦୁ ଭାଷା ଜାଣନ୍ତି ସେମାନଙ୍କର ପରମ କର୍ତ୍ତବ୍ୟ ଏହାକି ଯେ, ସେମାନେ ଆଁହଜରତ ସ.ଅଙ୍କ ସେହି ପୂର୍ଣ୍ଣ ବୁରୁଜ୍ (ଛାୟୀ)ଙ୍କ ସୁଲ୍‌ତାନେ ନସିର୍ (ସାହାଯ୍ୟକାରୀ ସମ୍ରାଟ୍) ହୁଅନ୍ତୁ । କାରଣ ସେହି ସହାୟକ ସମ୍ରାଟ୍ ଭାରତରେ ଆବିର୍ଭୂତ ହୋଇଛନ୍ତି । ତେଣୁ ଆପଣମାନେ ପ୍ରତ୍ୟେକ ଦୃଷ୍ଟିରୁ ସେହି ସାହାଯ୍ୟକାରୀ ସମ୍ରାଟକୁ ସାହାଯ୍ୟ କରନ୍ତୁ । ଇସ୍‌ଲାମ୍ ଧର୍ମର ଧର୍ମ ପ୍ରଚାରରେ, ଆଧ୍ୟାତ୍ମିକ ଜିହାଦ୍‌ରେ ସେହି ସହାୟକ ସମ୍ରାଟ୍‌ଙ୍କୁ କଲମ ଦ୍ୱାରା, ଭାଷା ମାଧ୍ୟମରେ ଏବଂ ଆର୍ଥିକ ବଳିଦାନ ଦୃଷ୍ଟିରୁ ଉକ୍ତ ଜିହାଦ୍‌ରେ ସାମିଲ୍ ହୁଅନ୍ତୁ । କାରଣ ଆଁହଜରତ୍ ସ.ଅଙ୍କ ଆଧ୍ୟାତ୍ମିକତା ସମସ୍ତ ଉପସ୍ଥିତ ସାଧନକୁ ଏହା ହିଁ ଉତ୍ତର ଦେଇଛି ଯେ, ଭାରତ ଏପରି ଏକ ସ୍ଥାନ ଯେଉଁଠି ଆଁହଜରତ୍ ସ.ଅଙ୍କ ବୁରୁଜ୍ (ଛାୟୀ)ଙ୍କ ମିଶନ ସାଫଲ୍ୟମଣ୍ଡିତ ହୋଇପାରିବ। ଯଦିଓ ଏଥି ନିମନ୍ତେ ଉର୍ଦ୍ଦୁ ଭାଷା ଏକ କେନ୍ଦ୍ରୀୟ ଭୂମିକା ନିର୍ବାହ କରୁଛି । ତେଣୁ ଏହି ଭାଷା କହୁଥିବା ଦୃଷ୍ଟିରୁ ବର୍ତ୍ତମାନ ଭାରତର ଊଣା ଅଧିକ 12ଟି ପ୍ରଦେଶର ଭାଷା ଉର୍ଦ୍ଦୁ ଅଟେ । କାରଣ ହିନ୍ଦୀ ଭାଷା କହୁଥିବା ଲୋକମାନେ ମଧ୍ୟ ଉର୍ଦ୍ଦୁ ଭାଷାକୁ ବୁଝି ପାରନ୍ତି ଏବଂ କହି ପାରନ୍ତି । ତେଣୁ ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସଙ୍କ ଅଧିକାଂଶ ଆଧ୍ୟାତ୍ମିକ ସମ୍ବଳିତ ପୁସ୍ତକ ଉର୍ଦ୍ଦୁ ଭାଷାରେ ରଚିତ ।

ସାଂପ୍ରତିକ କାଳରେ ସମସ୍ତ ଖଲିଫାମାନେ ଏବଂ ପୁଣ୍ୟଶ୍ଲୋକ ହ. ଅମୀରୁଲ୍ ମୁମିନିନ୍ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍‌ଙ୍କ କଲ୍ୟାଣମୂଳକ ଖୁତ୍‌ବାତ୍ (ଖୁତ୍‌ବାର ବହୁବଚନ), ଖିତାବାତ୍ (ଉଦ୍‌ବୋଧନ), ମଜାଲିସେ ଇର୍ଫାନ୍ ଇତ୍ୟାଦି ଉର୍ଦ୍ଦୁ ଭାଷାରେ ହିଁ ଉପଲବ୍ଧ ରହିଛି । ତେଣୁ ଏହି ଆଧ୍ୟାତ୍ମିକ ନିଧିକୁ ବୁଝିବା ନିମନ୍ତେ କଥନଶୈଳୀ ଦୃଷ୍ଟିରୁ ହିନ୍ଦୀ ଏବଂ ଉର୍ଦ୍ଦୁ ଭାଷା ସମଭାଷୀ ଅଟନ୍ତି। ତେଣୁ ଏହା ଆବଶ୍ୟକ ଯେ, ଆମେମାନଙ୍କୁ ମଧ୍ୟ ଉର୍ଦ୍ଦୁ ଭାଷା ଶିଖିବା ଉଚିତ୍ । ବିଶେଷ କରି ସେହି ସଦସ୍ୟବୃନ୍ଦମାନେ ଯେଉଁମାନେ ହିନ୍ଦୀ ଭାଷା କହୁଥିବା ରାଜ୍ୟରେ ବାସ କରନ୍ତି ସେମାନେ ଉର୍ଦ୍ଦୁ ଭାଷା ଶିଖିବା ଉଚିତ୍ । ସେହି ହିନ୍ଦୀ ଭାଷୀ ଅଞ୍ଚଳରେ ବାସ କରୁଥିବା ଲୋକମାନେ ଆଧ୍ୟାତ୍ମିକ ରୂପେ ନିଜକୁ ଜୀବିତ ରଖିବା ନିମନ୍ତେ ଓ ଜାତିକୁ ଜୀବିତ କରିବା ନିମନ୍ତେ ତୁରନ୍ତ ଉର୍ଦ୍ଦୁ ଭଷା ଶିଖି ତାହାକୁ ବିନିଯୋଗ (ବ୍ୟବହାର) କରି ପାରିବେ ।

ଯେହେତୁ ଆଁହଜରତ୍ ସ.ଅଙ୍କ ଆଧ୍ୟାତ୍ମିକତା ମଧ୍ୟ ଏହି ଉତ୍ତର ପ୍ରଦାନ କରିଛି ଯେ, ଭାରତ ହେଉଛି ସେହି ଭୂମି ଯେଉଁଠି ଲୋକମାନଙ୍କୁ ଧାର୍ମିକ ସ୍ୱାଧୀନତା ପ୍ରାପ୍ତ ହୋଇଛି । ଏହା ସତ୍ୟ ଯେ, ଭାରତ ହେଉଛି ସେହି ଭୂମି ଯେଉଁଠି ଅନ୍ୟ ଦେଶ ତୁଳନାରେ ଧାର୍ମିକ ସ୍ୱାଧୀନତା, ତବ୍‌ଲିଗ୍ (ଧର୍ମ ପ୍ରଚାର) କରିବାର ସ୍ୱାଧୀନତା ରହିଛି।

ସୁତରାଂ ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ଉର୍ଦ୍ଦୁ ଭାଷା ଶିଖିବା ନିମନ୍ତେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଧ୍ୟାନ ଆକର୍ଷଣ କରି ନିଜର ପ୍ରଦତ୍ତ ଉଦ୍‌ବୋଧନ 1993 ମସିହା ଜୁଲାଇ ମାସ 02 ତାରିଖରେ କହିଥିଲେ: "ମୋର ଦ୍ୱିତୀୟ ଉପଦେଶ ଏହିକି ଯେ, ଆପଣମାନେ ଉର୍ଦ୍ଦୁ ଭାଷା ଶିଖିବା ପ୍ରତି ଧ୍ୟାନ ଦିଅନ୍ତୁ । ଇଲାହାମାତ୍ (ଐଶୀବାଣୀ) ବ୍ୟତୀତ ହ. ମସିହ୍ ମଉଦ୍ ଅ.ସଙ୍କ ଅନେକ ଲେଖନୀ ଉର୍ଦ୍ଦୁ ଭାଷାରେ ରଚିତ । ତେଣୁ ଆପଣମାନେ ଯେପର୍ଯ୍ୟନ୍ତ ଉର୍ଦ୍ଦୁ ଭଷା ଶିଖିନେଇ ନାହାନ୍ତି ସେପର୍ଯ୍ୟନ୍ତ ଆପଣ ହ. ମସିହ୍ ମଉଦ୍ ଅ.ସଙ୍କ ଅଧ୍ୟାତ୍ମପୂର୍ଣ୍ଣ ପୁସ୍ତକଗୁଡ଼ିକରେ ବର୍ଣ୍ଣିତ ଆଧ୍ୟାତ୍ମିକସମ୍ବଳିତ ବିନ୍ଦୁ ସହିତ ସଠିକ୍ ରୂପେ ଅବଗତ ହୋଇପାରିବେ ନାହିଁ । କାରଣ ଅନୁବାଦରୁ ସେହି ସୌନ୍ଦର୍ଯ୍ୟ ଏବଂ ଆନନ୍ଦ କଦାପି ପ୍ରାପ୍ତ ହୋଇପାରିବ ନାହିଁ ଯାହା ହୁଜୁର ଅ.ସଙ୍କ ଲେଖନୀ ଅର୍ଥାତ୍ ପୁସ୍ତକକୁ ପାଠ କରିବା ଦ୍ୱାରା ପ୍ରାପ୍ତ ହୋଇ ପାରିବ ।"

ଅତଏବ୍ ପ୍ରତ୍ୟେକ ଅହମଦିର ଏହି କର୍ତ୍ତବ୍ୟ ରହିଛି ସେ ଉର୍ଦ୍ଦୁ ଭଷା ଶିଖି ପୁଣ୍ୟଶ୍ଲୋକ ହ. ମସିହ୍ ମଉଦ୍ ଅ.ସ ଏବଂ ଆପଣ ଅ.ସଙ୍କ ଖଲିଫାମାନଙ୍କ ଆଧ୍ୟାତ୍ମିକ ନିଧିରୁ ନିଜର ତୃଷ୍ଣା ନିବାରଣ କରୁ (ନିଜର ଶୋଷ ମେଣ୍ଟାଉ) ଓ ସତ୍ୟାନ୍ୱେଷୀ ତୃଷାର୍ତ୍ତମାନଙ୍କୁ (ଶୋଷିଲା ଲୋକମାନଙ୍କୁ) ମଧ୍ୟ ଏହି ଜୀବନ ରୂପକ ଜଳରୁ ସେଚିତ କରୁ । **ଓବିଲ୍ଲାଃହି ତୌଫିକ୍** (ଏଥି ନିମନ୍ତେ ଅଲ୍ଲାଃତାଲା ସାମର୍ଥ୍ୟ ପ୍ରଦାନ କରନ୍ତୁ) । ଆମିନ୍ ।

☆--☆--☆

## (ଖୁତ୍‌ବା ଜୁମା)

**ମୁକ୍ତି ବା ମୋକ୍ଷ ପ୍ରାପ୍ତି ଦୁଇଟି ପ୍ରସଙ୍ଗ ଉପରେ ନିର୍ଭରଶୀଳ ଅଟେ । (1) ପୂର୍ଣ୍ଣ ବିଶ୍ୱାସର ସହିତ ଈଶ୍ୱରଙ୍କ ଅସ୍ତିତ୍ୱ ଏବଂ ଏକେଶ୍ୱରବାଦ ଉପରେ ବିଶ୍ୱାସ ଆଣିବା । (2) ଈଶ୍ୱରଙ୍କ ପୂର୍ଣ୍ଣ ପ୍ରେମ ଯାହାକି ଭକ୍ତ ହୃଦୟ ମଧ୍ୟରେ ଆସନ୍ନିତ ହେବା ଉଚିତ୍ । ଯଥା ଈଶ୍ୱରଙ୍କ ଆଜ୍ଞା ପାଳନ କରିବା ଦ୍ୱାରା ଯେପରି ଆଶ୍ୱସ୍ତି ପ୍ରାପ୍ତ ହୋଇଥାଏ ଠିକ୍ ସେହିପରି ଈଶ୍ୱରଙ୍କ ପ୍ରେମ ଦ୍ୱାରା ସଫଳତା ଏବଂ ବିଜୟ ପ୍ରାପ୍ତି ମଧ୍ୟ ହୋଇଥାଏ । ଏହାକୁ ବାଦ୍‌ଦେଲେ ମନୁଷ୍ୟ ବଞ୍ଚି ପାରିବ ନାହିଁ ଓ ତାହାଙ୍କ ପ୍ରେମ ଅନ୍ୟ ସମସ୍ତ ବସ୍ତୁ, ପିତୁଳାର ପ୍ରେମକୁ ଖଣ୍ଡ ବିଖଣ୍ଡିତ ଓ ନିଶ୍ଚିହ୍ନ କରିଦେବ ।" (ହଜରତ୍ ମସିହ୍ ମଉଦ୍ ଅ.ସ)**

**ଯେତେବେଳେ ଆପଣ ସ.ଅ ପବିତ୍ର କୁରଆନ୍ କରୀମର କୌଣସି ପ୍ରଶ୍ନ ସମ୍ବନ୍ଧୀୟ ଆୟତ୍ (ସୁକ୍ତି)ମଧ୍ୟ ଦେଇ ଅତିକ୍ରମ କରୁଥିଲେ ସେତେବେଳେ ଆପଣ ସ.ଅ ପ୍ରଶ୍ନ କରୁଥିଲେ । ସେହିପରି ଆପଣ ସ.ଅ ଯେତେବେଳେ ଏପରି କୌଣସି ଆୟତ୍ ମଧ୍ୟ ଦେଇ ଅତିକ୍ରମ କରୁଥିଲେ ଯେଉଁଠି ଅଲ୍ଲାଃତାଲାଙ୍କ ଶରଣ ଭିକ୍ଷା ନିମନ୍ତେ ଚର୍ଚ୍ଚା ରହୁଥିଲା ସେତେବେଳେ ଆପଣ ସ.ଅ ପ୍ରଭୁଙ୍କ ଶରଣ ଭିକ୍ଷା କରୁଥିଲେ ।**

**ଆପଣ ସ.ଅ କହିଲେ, ହେ ମୁହମ୍ମଦଙ୍କ ଜାତି ! ପ୍ରତ୍ୟେକ ଶ୍ରେଷ୍ଠତ୍ୱ, ପ୍ରାଧାନ୍ୟତ୍ୱ ଓ ମାହାତ୍ମ୍ୟତାର କୁଞ୍ଜିକା (ଚାବି) ତାହାଙ୍କୁ ପ୍ରଦାନ କରାଯାଇଛି । ଯେଉଁ ବ୍ୟକ୍ତି ତା'ଙ୍କ ମାଧ୍ୟମରେ କିଛି ପ୍ରାପ୍ତ କରିପାରେ ନାହିଁ ତେବେ ସେହି ବ୍ୟକ୍ତି ସବୁଦିନ ପାଇଁ ବଞ୍ଚିତ ହୋଇ ରହିବ । ଆମେମାନେ କ'ଣ ଅଟୁ ଏବଂ ଆମମାନଙ୍କ ବାସ୍ତବତା କ'ଣ ? । ଯେପର୍ଯ୍ୟନ୍ତ ଆମେମାନେ ଉକ୍ତ କଥାର ସ୍ୱୀକାରୋକ୍ତି ପ୍ରକାଶ କରି ନଦେଇଛୁ ଯେ, ଆମେମାନେ ପ୍ରକୃତ ଏକେଶ୍ୱରବାଦ ସେହି ମହାବତାରଙ୍କ ମାଧ୍ୟମରେ ହିଁ ପ୍ରାପ୍ତ କରିଛୁ ସେପର୍ଯ୍ୟନ୍ତ ଆମେମାନେ ପୁରସ୍କାରର ପ୍ରତ୍ୟାଖ୍ୟାନାକାରୀ (କୃତଘ୍ନ) ହେବୁ । କାରଣ ପ୍ରକୃତ ଏକେଶ୍ୱରବାଦ ଆମେମାନେ ସେହି ମହାବତାରଙ୍କ ମାଧ୍ୟମରେ ହିଁ ସମ୍ଭବପର ହୋଇପାରିଛି, ଜୀବନ୍ତ ଈଶ୍ୱରର ପରିଚୟ ଆମମାନଙ୍କୁ ସେହି ପୂର୍ଣ୍ଣାବତାରଙ୍କ ମାଧ୍ୟମରେ ଏବଂ ତାହାଙ୍କ ଆଲୋକ ଦ୍ୱାରା ହିଁ ମିଳିଛି । ଈଶ୍ୱରଙ୍କର ସେହି କଥୋପକଥନ, ସମ୍ବୋଧନର ସମ୍ମାନ ଯଦ୍ଦ୍ୱାରା ତାହାଙ୍କ ମୁଖମଣ୍ଡଳକୁ ଆମେମାନେ ଦର୍ଶନ କରିଥାଉ, ସେହି ମହାବତାରଙ୍କ ମାଧ୍ୟମରେ ହିଁ ଆମମାନଙ୍କୁ ପ୍ରାପ୍ତ ହୋଇଛି ।**

**ଯଦି ଆମେମାନେ ଏକେଶ୍ୱରବାଦର ଅନୁସନ୍ଧିତ୍ସୁ (ସନ୍ଧାନ କରିବାକୁ ଚାହୁଁଛୁ), ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ସଂପର୍କରେ ଜାଣିବାକୁ ଚାହୁଁଛୁ ତେବେ ଆମମାନଙ୍କୁ ଆଁହଜରତ୍ ସ.ଅଙ୍କ ଶିକ୍ଷାର ଗହ୍ୱରତ୍ୱକୁ ଯାଇ ଦେଖିବାକୁ ହେବ ଓ ପବିତ୍ର କୁରଆନ୍ କରୀମ୍‌କୁ ବୁଝିବାକୁ ହେବ । ସତ୍ୟ କଥା ଏହିକି ଯେ, ଯେପର୍ଯ୍ୟନ୍ତ ବ୍ୟକ୍ତି ଜୀବନ୍ତ ଈଶ୍ୱର ଓ ଜୀବନ୍ତ ଶକ୍ତିକୁ ଅବଲୋକନ କରିନେଇ ନାହିଁ ସେପର୍ଯ୍ୟନ୍ତ ସେହି ବ୍ୟକ୍ତିର ହୃଦୟରୁ ସୈତାନ୍ ବାହାରି ପାରିବ ନାହିଁ । ମନୁଷ୍ୟ ଯେପର୍ଯ୍ୟନ୍ତ ଜୀବନ୍ତ ଈଶ୍ୱର ଓ ଜୀବନ୍ତ ଶକ୍ତିକୁ ଅବଲୋକନ କରିନେଇ ନାହିଁ ସେପର୍ଯ୍ୟନ୍ତ ପ୍ରକୃତ ଏକେଶ୍ୱରବାଦ ସେହି ବ୍ୟକ୍ତିର ହୃଦୟରେ ପ୍ରବିଷ୍ଟ ହୋଇ ପାରିବ ନାହିଁ ଓ ନା ହିଁ ଈଶ୍ୱରଙ୍କ ଅସ୍ତିତ୍ୱ ସଂପର୍କରେ ସେହି ବ୍ୟକ୍ତି ସ୍ୱୀକାରୋକ୍ତି ପ୍ରକାଶକାରୀ ବ୍ୟକ୍ତି ବିବେଚିତ ହୋଇପାରିବ । ତେଣୁ ପବିତ୍ର ଏବଂ ପୂର୍ଣ୍ଣ ଏକେଶ୍ୱରବାଦ କେବଳ ଓ କେବଳ ଆଁହଜରତ ସ.ଅଙ୍କ ମାଧ୍ୟମରେ ହିଁ ମିଳିଥାଏ ।**

## ଆଁହଜରତ୍ ସ.ଅଙ୍କ ଈଶ୍ୱର ଉପାସନାର ହୃଦୟାସୀନ ଏବଂ ମନମୁଗ୍ଧକର ଚର୍ଚ୍ଚା

**23 Janury 2026 ମସିହା ଅନୁଯାୟୀ ୨୩ ସୁଲାହ୍ ୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعٰلَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ବିଗତ ଖୁତ୍‌ବାରେ ଆଁହଜରତ୍ ସ.ଅଙ୍କ ଜୀବନୀ ଚର୍ଚ୍ଚା ଚାଲିଥିଲା ଓ ଆପଣ ସ.ଅଙ୍କ ଈଶ୍ୱର ପ୍ରେମ ସଂପର୍କରେ ଚର୍ଚ୍ଚା ଚାଲିଥିଲା । ଏହାର ଅବଶିଷ୍ଟାଂଶ ମୁଁ ଆଜି ବର୍ଣ୍ଣନା କରିବି । ଆପଣ ସ.ଅଙ୍କ ଉପାସନାର ପନ୍ଥା ଏବଂ ସୁନ୍ଦରତା ସଂପର୍କରେ କିଛି କାଳ ପୂର୍ବେ ଚର୍ଚ୍ଚା ହୋଇଥିଲା। ଆଜି ମଧ୍ୟ ଆହାଦିସମାନଙ୍କରୁ କେତେକ ପ୍ରାମାଣ୍ୟ ଉପସ୍ଥାପିତ କରିବି ଏବଂ ସେହିପରି ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଯେକି ଆପଣ ସ.ଅଙ୍କ ସତ୍ୟବାଦୀ ଦାସ ଅଟନ୍ତି ସେ ମଧ୍ୟ ଆଁହଜରତ୍ ସ.ଅଙ୍କ ଯେଉଁ ମର୍ଯ୍ୟାଦା ଏବଂ ଈଶ୍ୱର ପ୍ରେମର ନକ୍ସା ଅଙ୍କନ କରିଛନ୍ତି ତାହାର କେତେକ ପ୍ରାମାଣ୍ୟ ମଧ୍ୟ ମୁଁ ଉପସ୍ଥାପିତ କରିବି ।

ହୁଜୁର ଅନ୍‌ୱର୍ ଆବ କହିଲେ, ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଖଦିଜା ର.ଅ ବର୍ଣ୍ଣନା କରନ୍ତି ଯେ, ଏକଦା ମୁଁ ନବୀ କରୀମ୍ ସ.ଅଙ୍କ ସହିତ ରାତ୍ରରେ ନମାଜ୍ ପାଠ କଲି । ଆପଣ ସ.ଅ ନମାଜ୍ ସୁରାଃ ଫାତିହା ସହିତ ଆରମ୍ଭ କଲେ । ମୁଁ ଭାବିଲି ଯେ, ଆପଣ ସ.ଅ 100ଟି ଆୟତ୍‌ରେ ନମାଜ୍‌ର ରୁକୁ କରିବେ । କିନ୍ତୁ ଆପଣ ସ.ଅ ଆଗକୁ ଅତିକ୍ରମ କରିଗଲେ । ପୁନଶ୍ଚ ମୁଁ ଭାବିଲି ଯେ , ଆପଣ ସ.ଅ ସଂପୂର୍ଣ୍ଣ ସୁରାଃ ସମାପ୍ତ କରିବା ପରେ ରୁକୁ କରିବେ । କିନ୍ତୁ ଆପଣ ସ.ଅ ପୁଣିଥରେ ଆଗକୁ ଅତିକ୍ରମ କରିଗଲେ । ପୁନଶ୍ଚ ମୁଁ ଭାବିଲି ଯେ, ଆପଣ ସ.ଅ ରୁକୁ କରିନେବେ । କିନ୍ତୁ ଆପଣ ସ.ଅ ପୁଣି ସୁରାଃ ଆଲେ ଇମ୍ରାନ୍ ଆରମ୍ଭ କରିଦେଲେ ଏବଂ ଆପଣ ସ.ଅ ସେହି ସୁରାଃ ପାଠ କଲେ । ପୁନଶ୍ଚ ଆପଣ ସ.ଅ ସୁରାଃ ନିସା ଆରମ୍ଭ କରିଦେଲେ ଏବଂ ସେହି ସୁରାଃକୁ ଆପଣ ସ.ଅ ପାଠ କଲେ । ଆପଣ ସ.ଅ ଅତ୍ୟନ୍ତ ମନ୍ଥର ଶୈଳୀରେ ରହି ରହି ସୁରାଃ ପାଠ କରୁଥିଲେ । ଯେତେବେଳେ କୌଣସି ଆୟତ୍‌ରେ ଈଶ୍ୱରଙ୍କ ଚର୍ଚ୍ଚା ହେଉଥିଲା ଏବଂ ସେହି ଆୟତ୍ ମଧ୍ୟ ଦେଇ ଆପଣ ସ.ଅ ଯେତେବେଳେ ଅତିକ୍ରମ କରୁଥିଲେ ସେତେବେଳେ ଆପଣ ସ.ଅ ସେଠାରେ ଈଶ୍ୱରଙ୍କ ନାମ ଭଜୁଥିଲେ ଓ ପ୍ରଶଂସାଗାନ କରୁଥିଲେ । **(ସହି ମୁସ୍‌ଲିମ୍, ଅନୁବାଦକ, ଗ୍ରନ୍ଥଖଣ୍ଡ-3, ପୃ-270-271, କିତାବୁସ୍ ସଲାତୁଲ୍ ମୁସାଫିରିନ୍ ୱ କସରିହା, ବାବ୍-ଇସ୍ତିହ୍‌ବାବ୍ ତତୱିଲିଲ୍ କିରାଅତି.......ହଦିସ୍ ନଂ-1283, ନୁର୍ ଫାଉଣ୍ଡେସନ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ଥିଲା ଆଁହଜରତ ସ.ଅଙ୍କ ନଫିଲ୍ ପଢିବାର ଶୈଳୀ ଯେଉଁ ଶୈଳୀକୁ ଆପଣ ସ.ଅଙ୍କ ଜଣେ ସାହାବି ଅର୍ଥାତ୍ ହ. ଆଏଶା ର.ଅ ଏକ ଅବସରରେ ଦେଖିଥିଲେ । ଠିକ୍ ସେହିପରି ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ଦିନେ ରାତ୍ର ସମୟରେ ନବୀ କରୀମ୍ ସ.ଅ ପବିତ୍ର କୁରଆନ୍ କରୀମ୍‌ର ଏକ ଆୟତର ତିଲାଓତ୍ କରୁ କରୁ ଛିଡ଼ା ହେଲେ । **(ସୁନନୁତ୍ ତିର୍ମିଜି, ଅବୱାବୁସ୍ ସଲାତ୍, ବାବ୍-ମା ଯାଆ ଫିଲ୍ କିରାଅତି ବିଲ୍ଲୈଲି, ହଦିସ୍-448)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେଠାରେ (ପୂର୍ବ ଖୁତ୍‌ବାମାନଙ୍କରେ) ତ' ଜଣେ ସାହାବିଙ୍କ ବର୍ଣ୍ଣନା ରହିଛି ଯେ, ଆଁହଜରତ୍ ସ.ଅ ଦୀର୍ଘ ସୁରା ପାଠ କଲେ, ଏଠାରେ (ଆଜିର ଖୁତ୍‌ବାରେ) ଏହା ବର୍ଣ୍ଣନା ରହିଛି ଯେ, ଆଁହଜରତ୍ ସ.ଅ ଗୋଟିଏ ଆୟତ୍ ପାଠ କରି ନମାଜ୍‌ରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଛିଡ଼ା ହେଲେ ଏବଂ ଆପଣ ସ.ଅଙ୍କ ନମାଜ୍‌ରେ କେତେକ ସମୟ ପର୍ଯ୍ୟନ୍ତ ଛିଡ଼ା ହେଉଥିଲେ ? ଏଥି ସଂକ୍ରାନ୍ତରେ ହ. ଆଏଶା ର.ଅଙ୍କ ବର୍ଣ୍ଣନା ପୂର୍ବେ ଅତିକ୍ରାନ୍ତ ହୋଇସାରିଛି । ବିଗତ ଖୁତ୍‌ବାମାନଙ୍କରେ ମୁଁ ବର୍ଣ୍ଣନା କରି ସାରିଛି ଯେ, ଆପଣ ସ.ଅ ଏତେ ଦୀର୍ଘ ରୁକୁ ଓ ସିଜ୍‌ଦା କରୁଥିଲେ ଯେ, ସେହି ରୁକୁ ଏବଂ ସିଜଦାର ସୌନ୍ଦର୍ଯ୍ୟ ସଂପର୍କରେ କିଛି ନକହିଲେ ଚଳେ । ଅର୍ଥାତ୍ ଅତି ସୁନ୍ଦର ଥିଲା । **(ସହିହୁଲ୍ ବୁଖାରୀ, କିତାବୁଲ୍ ମନାକିବି, ବାବ୍- କାନାନ୍ ନବୀୟୁ ସ.ଅ ତନାମୁ ଐନିହି ୱଲା ୟନାମୁ କବୁହୁ, ହଦିସ୍ ନଂ-3569)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ହ. ଅବୁ ବକ୍କର୍ ର.ଅ ବର୍ଣ୍ଣନା କଲେ ଯେ, ନବୀ କରୀମ୍ ସ.ଅ ଯେତେବେଳେ ଅଲ୍ଲାଃତାଲାଙ୍କ ଉପାସନା କରିବା ନିମନ୍ତେ ଅର୍ଥାତ୍ ନମାଜ୍ ପାଠ କରିବା ନିମନ୍ତେ ଛିଡ଼ା ହେଲେ ସେତେବେଳେ ଆପଣ ସ.ଅ ଗୋଟିଏ ଆୟତ୍‌କୁ ସକାଳ ହେବା ପର୍ଯ୍ୟନ୍ତ ବାରମ୍ବାର ପାଠ କଲେ । ସେହି ଆୟତ୍‌ଟି ହେଲା- إِنْ تُعَذِّبْهُمْ فَإِنَّهُمْ عِبَادُكَ وَإِنْ تَغْفِرْ لَهُمْ فَإِنَّكَ أَنْتَ الْعَزِيْزُ الْحَكِيْمُ ଅର୍ଥାତ୍ ହେ ଈଶ୍ୱର ! ତୁମ୍ଭେ ଯଦି ଏମାନଙ୍କୁ ଶାସ୍ତି ଦିଅ ତେବେ ଏମାନେ ପରା ତୁମ୍ଭର ଭକ୍ତ ଅଟନ୍ତି। କାରଣ, ହେ ଈଶ୍ୱର ! ତୁମ୍ଭେ ହିଁ ପରାକ୍ରମୀ ଓ ତତ୍ତ୍ୱଜ୍ଞ । **(ସୁନନ୍ ଇବ୍‌ନେ ମାଜା, କିତାବ୍ ଇକାମତିସ୍ ସଲାତୁ ୱସ୍ ସୁନ୍ନତା ୱ ଫିହା, ବାବ୍- ମା ଯାଆ ଫିଲ୍ କିରାଅତି ବିଲ୍ଲୈଲି, ହଦିସ୍-1350)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଅଲ୍ଲାଃତାଲାଙ୍କ ସହିତ ଥିବା ପ୍ରେମ ହେତୁ ଏବଂ ଈଶ୍ୱରଙ୍କ ପ୍ରାଣୀ ଜଗତଙ୍କ ପ୍ରତି ଓ ଭକ୍ତମାନଙ୍କ ପ୍ରତି ସହାନୁଭୂତିର ଉତ୍ସାହ ଆପଣ ସ.ଅଙ୍କ ହୃଦୟରେ ବିଦ୍ୟମାନ ଥିଲା । ସେହି କାରଣରୁ ଆପଣ ସ.ଅ ସେମାନଙ୍କ ମୁକ୍ତି ନିମନ୍ତେ ଏବଂ ସେମାନଙ୍କୁ କ୍ଷମା କରିଦେବା ନିମନ୍ତେ ଆପଣ ସ.ଅ ଅଲ୍ଲାଃତାଲାଙ୍କ ସମ୍ମୁଖରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଛିଡ଼ା ହେଉଥିଲେ । କାରଣ ଅଲ୍ଲାଃତାଲା ତ' ସେମାନଙ୍କୁ ଶାସ୍ତି ପ୍ରଦାନ କରିବାରେ ସକ୍ଷମ ଓ ସମର୍ଥ ଅଟନ୍ତି । କିନ୍ତୁ ଆପଣ ସ.ଅ ଏହି ଦୁଆ କରୁଥିଲେ ଯେ, ହେ ପ୍ରଭୁ ! ତୁମ୍ଭେ ଏମାନଙ୍କୁ କ୍ଷମା କରିଦିଅ, ଏମାନଙ୍କୁ ମୁକ୍ତି ପ୍ରଦାନ କର । ଏହି ଦୁଆ ଅଲ୍ଲାଃତାଲା ଆଁହଜରତ୍ ସ.ଅଙ୍କୁ ଶିଖାଇଲେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁନଶ୍ଚ ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ରସୂଲ୍ କରୀମ୍ ସ.ଅଙ୍କ କାଳରେ ସୂର୍ଯ୍ୟଗ୍ରହଣ ହେଲା । ରସୁଲୁଲ୍ଲାଃ ସ.ଅ ନମାଜ୍ ପାଠ କରିବା ନିମନ୍ତେ ଛିଡ଼ା ହେଲେ । ଅର୍ଥାତ୍ ସୂର୍ଯ୍ୟ ଗ୍ରହଣ ସମୟରେ ଯେଉଁ ନମାଜ୍ ପାଠ କରାଯାଇଥାଏ ସେହି ନମାଜ ପାଠ କରିବା ନିମନ୍ତେ ଆଁହଜରତ୍ ସ.ଅ ଛିଡ଼ା ହେଲେ ଏବଂ ଆପଣ ସ.ଅ ଦୀର୍ଘ ସମୟ ପର୍ଯ୍ୟନ୍ତ ନମାଜ୍‌ରେ ଛିଡ଼ା ହୋଇ ରହିଲେ। ପୁନଶ୍ଚ ଆପଣ ସ.ଅ ରୁକୁ କଲେ । ସେହି ରୁକୁ ବହୁତ୍ ଦୀର୍ଘ ସମୟର ରୁକୁ ଥିଲା। ପୁନଶ୍ଚ ଆପଣ ସ.ଅ ନିଜର ମୁଣ୍ଡ ଉଠାଇଲେ ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ଛିଡ଼ା ହେଲେ । ଏହି ଛିଡ଼ା ହେବା ପୂର୍ବ ଛିଡ଼ା ହେବା ଅପେକ୍ଷା କମ୍ ଥିଲା । ଆପଣ ସ.ଅ ପୁନଶ୍ଚ ରୁକୁ କଲେ ଏବଂ ଏହି ରୁକୁ ପୂର୍ବ ରୁକୁ ଅପେକ୍ଷା ସ୍ୱଳ୍ପ ସମୟର ରୁକୁ ଥିଲା। ପୁନଶ୍ଚ ଆପଣ ସ.ଅ ନିଜର ମୁଣ୍ଡ ଉପରକୁ ଉଠାଇଲେ ଏବଂ ଛିଡ଼ା ହୋଇଗଲେ ଓ ଦୀର୍ଘ ସମୟ ପର୍ଯ୍ୟନ୍ତ ଛିଡ଼ା ହେଲେ । ଏହି ଛିଡ଼ା ହେବା ପୂର୍ବ ଛିଡ଼ା ହେବା ଅପେକ୍ଷା ସ୍ୱଳ୍ପ ସମୟର ଥିଲା । ପୁନଶ୍ଚ ଆପଣ ସ.ଅ ରୁକୁ କଲେ ଏବଂ ରୁକୁକୁ ଦୀର୍ଘ କଲେ। ତାହା ପୂର୍ବ ରୁକୁ ଅପେକ୍ଷା ସ୍ୱଳ୍ପ ସମୟର ଥିଲା । ପୁନଶ୍ଚ ଆପଣ ସ.ଅ ନମାଜ ପାଠ କଲେ। ସେତେବେଳକୁ ସୂର୍ଯ୍ୟଗ୍ରହଣ ଆଲୋକିତ ହୋଇ ସାରିଥିଲା । ତତ୍ପରେ ଆପଣ ସ.ଅ ଲୋକମାନଙ୍କୁ ଖୁତ୍‌ବା ଦେଲେ । ଆପଣ ସ.ଅ ଅଲ୍ଲାଃତାଲାଙ୍କ ପ୍ରଶଂସା ଗାନ କଲେ ପୁନଶ୍ଚ କହିଲେ, ସୂର୍ଯ୍ୟ ଏବଂ ଚନ୍ଦ୍ର ଅଲ୍ଲାଃତାଲାଙ୍କର ଦୁଇଟି ନିଦର୍ଶନ ମଧ୍ୟରୁ ଅନ୍ୟତମ ନିଦର୍ଶନ ଅଟନ୍ତି । ଏମାନେ କୌଣସି ବ୍ୟକ୍ତିର ମୃତ୍ୟୁ କିମ୍ବା କୌଣସି ବ୍ୟକ୍ତିର ଜୀବନ ସକାଶେ ଗ୍ରହଣ ଲାଗନ୍ତି ନାହିଁ । ଅତଏବ୍ ତୁମେମାନେ ଯେତେବେଳେ ବି ଏମାନଙ୍କୁ ଦେଖ ସେତେବେଳେ ତୁମେମାନେ ଅଲ୍ଲାଃତାଲାଙ୍କ ମହିମା ଗାନ କର, ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କର (ଦୁଆ କର), ନମାଜ ପାଠ କର ଏବଂ ସଦ୍‌କା (ଦାନ ଦକ୍ଷିଣା) ଦିଅ । ଆପଣ ଅ.ସ ପୁନଶ୍ଚ କହିଲେ, ହେ ମୁହମ୍ମଦ୍ ସ.ଅଙ୍କ ଜାତି! ଅଲ୍ଲାଃତାଲାଙ୍କ ଅପେକ୍ଷା (ଠାରୁ ବଳି) ଅନ୍ୟ କେହି ବି ସ୍ୱାଭିମାନୀ ନୁହନ୍ତି ଯେ, ତାହାଙ୍କ ଭକ୍ତ ବ୍ୟଭିଚାର କୃତ୍ୟ କରେ କିମ୍ବା ତାହାଙ୍କ ମହିଳା ଭକ୍ତ ବ୍ୟଭିଚାର କୃତ୍ୟ ପ୍ରଦର୍ଶନ କରୁ । ଏହା ହୃଦୟକୁ ଦୋହଲାଇ ଦେଲାବାଲା ଶୈଳୀ ଏବଂ ସତର୍କତା ଓ ସାବଧାନତା ଅଟେ । କାରଣ ପାପ କର୍ମରେ ଲିପ୍ତ ହୋଇ ଅଲ୍ଲାଃତାଲାଙ୍କ କୋପ ଓ ତାହାଙ୍କ ସ୍ୱାଭିମାନକୁ  ବୃଦ୍ଧି କର ନାହିଁ । ଅଲ୍ଲାଃତାଲାଙ୍କ ଠାରୁ ଦୟା ଭିକ୍ଷା କର ଓ ତାହାଙ୍କ କୋପ ଶାସ୍ତିକୁ ବୃଦ୍ଧି କରିବା ପରିବର୍ତ୍ତେ ତହିଁରୁ ବର୍ତ୍ତିବାକୁ ଚେଷ୍ଟ କର ।

ହୁଜୁର ଅନଓ୍ୱର୍ ଅ.ବ କହିଲେ, ଆପଣ ସ.ଅ ପୁନଶ୍ଚ କହିଲେ, ହେ ମୁହମ୍ମଦଙ୍କ ଜାତି ! ମୁଁ ଈଶ୍ୱରଙ୍କ ଶପଥ କରି କହୁଛି । ଯାହା ମୁଁ ଜାଣିଛି ତାହା ତୁମେମାନେ ଜାଣି ନାହଁ । ତୁମେମାନେ ଯଦି ଜାଣି ନିଅନ୍ତ ତେବେ ତୁମେମାନେ ଅଧିକ ରୋଦନ (କାନ୍ଦନ୍ତ) କରନ୍ତ ଓ କମ୍ ହାସ୍ୟ (ହସିବା)ପ୍ରକାଶ କରିଥାଆନ୍ତ । ଅର୍ଥାତ୍ ମୁଁ ତୁମମାନଙ୍କ ପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କର ସନ୍ଦେଶ ପହଞ୍ଚାଇ  ଦେଇଛି । **(ସହି ମୁସଲିମ୍ ଅନୁବାଦକ-4, ପୃ-58-59, କିତାବୁଲ୍ କୁସୁଫ୍, ବାବୁସ୍ ସଲାତୁଲ୍ କୁସୁଫ୍, ହଦିସ୍-1490, ନୁର୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଅତଏବ୍ ଆପଣ ସ.ଅ ଅଲ୍ଲାଃତାଲାଙ୍କ ଆଡ଼କୁ ପ୍ରତ୍ୟାବର୍ତ୍ତନ କରିବା, ତାହାଙ୍କ ଉପାସନା କରିବା, ତାହାଙ୍କ ସମ୍ମୁଖରେ ମଥାନତ ହେବା ଆଡ଼କୁ ଧ୍ୟାନ ଆକର୍ଷଣ କରି  କହିଲେ : "ହେ ମୁସଲମାନମାନେ ତହିଁରେ ହିଁ ତୁମମାନଙ୍କର ଜୀବନ ରହିଛି । ଅର୍ଥାତ୍ ତୁମେମାନେ ଯଦି ଏହିସବୁ କଥାର ଗହ୍ୱରତା ସଂପର୍କରେ ଜାଣ ଯେପରି ମୁଁ ଜାଣିଛି ତେବେ ତୁମେମାନେ ହସିବା ପରିତ୍ୟାଗ (ଛାଡ଼ି) କରି ଦିଅନ୍ତ ଓ ଅଧିକ କାନ୍ଦନ୍ତ ଓ ତୁମେମାନେ ଅଲ୍ଲାଃତାଲାଙ୍କ ସମକ୍ଷରେ କାନ୍ଦି ଥାଆନ୍ତ। ତେଣୁ ଆପଣ ସ. ଏହି ଧ୍ୟାନ ଆକର୍ଷଣ କଲେ ଯେ, ଆମମାନଙ୍କୁ ମଧ୍ୟ ଦୁଆ କରିବା ପ୍ରତି ଅଧିକ ଧ୍ୟାନ ଦେବା ଉଚିତ୍ ଏବଂ ଅଲ୍ଲାଃତାଲାଙ୍କ ସହିତ ବିଶେଷ ସଂପର୍କ ସ୍ଥାପନ କରିବା ଉଚିତ୍ ।"

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସ.ଅ ଯୁଦ୍ଧ ଭୂମିରେ ଆଁହଜରତ୍ ସ.ଅଙ୍କ ଅଲ୍ଲାଃତାଲାଙ୍କ ସହିତ ଥିବା ସଂପର୍କରେ ବର୍ଣ୍ଣନା ମିଳେ । ହ. ଅବ୍‌ଦୁଲ୍ଲାଃ ବିନ୍ ଅବ୍ବାସ୍ ର.ଅ କୁହନ୍ତି ଯେ, ହ. ଉମର୍ ବିନ୍ ଖତ୍ତାବ୍ ର.ଅ ମୋତେ କହିଲେ, ବଦର୍ ଯୁଦ୍ଧ ଦିନ ରସୁଲ୍ଲାଃ ସ.ଅ ଅବିଶ୍ୱାସକାରୀମାନଙ୍କୁ ଯେତେବେଳେ ଦେଖିଲେ ସେତେବେଳେ ସେମାନଙ୍କର ସଂଖ୍ୟା ଏକ ହଜାର ଥିଲା ଏବଂ ଏହାର ବିପରୀତରେ ଆପଣ ସ.ଅଙ୍କ ସାହାବାମାନଙ୍କର ସଂଖ୍ୟା 319 ଥିଲା । ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ହ. ମୁହମ୍ମଦ ସ.ଅ କିବ୍‌ଲା (ଖାନା କାଆବା) ଆଡ଼କୁ ମୁହଁ କଲେ, ପୁନଶ୍ଚ ନିଜର ଦୁଇ ବାହୁକୁ ପ୍ରସାରିତ କରି ଉଚ୍ଚ ସ୍ୱରରେ ଡାକିଲେ, اَللّٰهُمَّ اَنْجِزْلِيْ مَا وَعَدْتَنِيْ اَللّٰهُمَّ اٰتِ مَا وَعَدْتَنِيْ اَللّٰهُمَّ اِنَّكَ اِنْ تُهْلِكْ هٰذِهِ الْعِصَابَةَ مِنْ اَهْلِ الْاِسْلَامِ لَا تُعْبَدُ فِي الْاَرْضِ ଅର୍ଥାତ୍ ହେ ଅଲ୍ଲାଃ ! ତୁମ୍ଭେ ମୋ ସହିତ ଯେଉଁ ଅଙ୍ଗୀକାର କରିଛ, ତାହା ତୁମ୍ଭେ ପୂରଣ କର । ଅର୍ଥାତ୍ ତୁମ୍ଭେ ମୋ ସହିତ ଯେଉଁ ଅଙ୍ଗୀକାର କରିଥିଲ ତାହା ତୁମ୍ଭେ ମୋତେ ପ୍ରଦାନ କର। ହେ ଅଲ୍ଲାଃ ! ତୁମ୍ଭେ ଯଦି ମୁସଲମାନମାନଙ୍କ ଏହି ଗୋଷ୍ଠୀର ବିନାଶ କରିଦେଲ ତେବେ ଭୂପୃଷ୍ଠରେ ତୁମ୍ଭର ଉପାସନା ଆଉ କରାଯିବ ନାହିଁ । କିବ୍‌ଲା ଆଡ଼କୁ ଆପଣ ବାହୁ ଦ୍ୱୟ ପ୍ରସାରିତ କରି ଆପଣ ସ.ଅ ଅହରହ ନିଜର ପାଳନକର୍ତ୍ତାଙ୍କୁ ଉଚ୍ଚ ସ୍ୱରରେ ଡାକୁଥିଲେ । ଏପର୍ଯ୍ୟନ୍ତକି ଆପଣ ସ.ଅଙ୍କ ଉତ୍ତରୀୟ (ଚଦର) ଆପଣ ସ.ଅଙ୍କ କାନ୍ଧରୁ ଖସି ପଡ଼ିଲା। ଅର୍ଥାତ୍ ଆପଣ ସ.ଅଙ୍କ ଶରୀର ଦୁଆ ଯୋଗୁଁ କାନ୍ଦି କାନ୍ଦି ଥରୁଥିଲା, ସେଇଥିପାଇଁ ଉତ୍ତରୀୟ ମଧ୍ୟ ଖସି ପଡ଼ିଲା । ସେତେବେଳେ ହ. ଅବୁ ବକ୍କର ର.ଅ ଆପଣ ସ.ଅଙ୍କ ପାଖକୁ ଆସିଲେ, ଆପଣ ସ.ଅଙ୍କ ଉତ୍ତରୀୟ ଉଠାଇଲେ ଏବଂ ଆପଣ ସ.ଅଙ୍କ କାନ୍ଧ ଉପରେ ପକାଇ ଦେଲେ । ତତ୍ପରେ ଆପଣ ର.ଅ ଆଁହଜରତ୍ ସ.ଅଙ୍କ ପିଠି ପଛ ପଟୁ ଚିମୁଟିଗଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅଲ୍ଲାଃତାଲାଙ୍କ ନିକଟରେ ଆପଣ ଯେଉଁ ଆର୍ତ୍ତନାଦମୂଳକ ଏବଂ କାକୁତି ମିନତୀମୂଳକ ଦୁଆ କଲେ, ତାହା ଯଥେଷ୍ଟ ଅଟେ ଏବଂ ଆପଣ ସ.ଅଙ୍କ ସହିତ ଯେଉଁ ଅଙ୍ଗୀକାର କରାଯାଇଛି ତାହାକୁ ଅଲ୍ଲାଃତାଲା ଅବଶ୍ୟ ପୂରଣ କରିବେ । ଫଳତଃ ଅଲ୍ଲାଃତାଲା ଏହି ଆୟତ୍ ଅର୍ଥାତ୍ اِذْ تَسْتَغِيْثُوْنَ رَبَّكُمْ فَاسْتَجَابَ لَكُمْ اَنِّيْ مُمِدُّكُمْ بِاَلْفٍ مِّنَ الْمَلٰٓئِكَةِ مُرْدِفِيْنَ **(ଅଲ୍ ଅନ୍‌ଫାଲ୍: 10)** ଅର୍ଥାତ୍  ହେ ମୁହମ୍ମଦ୍ ସ.ଅ ! ତୁମେ ସେହି ସମୟକୁ ମଧ୍ୟ ସ୍ମରଣ କର ଯେତେବେଳେ ତୁମେ (ଓ ମୁସଲମାନମାନେ) ନିଜ ପାଳନକର୍ତ୍ତାଙ୍କ ସାହାଯ୍ୟ ଭିକ୍ଷା କରିଥିଲ, ସେତେବେଳେ ସେ ତୁମମାନଙ୍କର ପ୍ରାର୍ଥନାକୁ ସ୍ୱୀକାର କରି କହିଥିଲେ, ଆମ୍ଭେ ତୁମମାନଙ୍କୁ ଏକୋ ସହସ୍ର ଦେବଦୂତମାନଙ୍କ ଦ୍ୱାରା ସାହାଯ୍ୟ କରିବୁ, ଯେଉଁମାନଙ୍କ ସୈନ୍ୟବାହିନୀ ଉତ୍ତରୋତ୍ତର ବୃଦ୍ଧି ହେଉଥିବ । **(ସହି ମୁସଲିମ୍, ଅନୁବାଦକ, ଗ୍ରନ୍ଥଖଣ୍ଡ-9, ପୃ-150-151, କିତାବୁଲ୍ ଜିହାଦ୍ ୱସ୍ ସୈର୍, ବାବ୍-ଇମଦାଦ୍ ବିଲ୍ ମଲାଇକତି ଗଜ୍‌ୱା ବଦର୍,........ହଦିସ୍ ନଂ-3295, ନୁର୍ ଫାଉଣ୍ଡେସନ)**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ପବିତ୍ର କୁରଆନ୍ କରୀମ୍‌ରେ ଆଁହଜରତ୍ ସ.ଅଙ୍କୁ ଅବିଶ୍ୱାସକାରୀମାନଙ୍କ ଉପରେ ବିଜୟ ପ୍ରାପ୍ତ ହେବାର ବାରମ୍ବାର ପ୍ରତିଶ୍ରୁତି ଦିଆଯାଇଥିଲା । କିନ୍ତୁ ଯେତେବେଳେ ବଦର୍ ଯୁଦ୍ଧ ଆରମ୍ଭ ହେଲା (ଏହି ଯୁଦ୍ଧ ଇସ୍‌ଲାମ୍ ଧର୍ମର ପ୍ରଥମ ଯୁଦ୍ଧ ଥିଲା) ସେତେବେଳେ ଆଁହଜରତ ସ.ଅ କାନ୍ଦିବା ଏବଂ ଦୁଆ କରିବା ଆରମ୍ଭ କଲେ ଓ ଦୁଆ କରୁ କରୁ ଏହି ଶବ୍ଦ ଆଁହଜରତ ସ.ଅଙ୍କ ତୁଣ୍ଡରୁ ନିଃସୃତ ହେଲା ଯେ, اَللّٰهُمَّ اِنْ اَهْلَكْتَ هٰذِهِ الْعِصَابَةَ فَلَنْ تُعْبَدَ فِي الْاَرْضِ اَبَدًا ଅର୍ଥାତ୍ ହେ ଈଶ୍ୱର ! ଆଜି ଯଦି ତୁମ୍ଭେ ଏହି ସଂପ୍ରଦାୟକୁ (ଯେଉଁମାନଙ୍କ ସଂଖ୍ୟା 313 ସଦସ୍ୟ ବିଶିଷ୍ଟ କିମ୍ବା ଅନ୍ୟ ବର୍ଣ୍ଣନାନୁଯାୟୀ 319 ଅଟେ) ବିନାଶ କରିଦେଲ ତେବେ ପ୍ରଳୟ ଦିବସ ପର୍ଯ୍ୟନ୍ତ କେହି ତୁମ୍ଭର ଉପାସନା କରିବ ନାହିଁ । ଏହି ଶବ୍ଦାବଳୀକୁ ଯେତେବେଳେ ହ. ଅବୁ ବକ୍କର ର.ଅ ଆଁହଜରତ୍ ସ.ଅଙ୍କ ତୁଣ୍ଡରୁ ଶୁଣିଲେ ସେତେବେଳେ ଆପଣ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଏତେ ବ୍ୟଗ୍ର ଓ ଉତ୍କଣ୍ଠିତ କାହିଁକି ହେଉଛନ୍ତି ? ଈଶ୍ୱର ତ' ଆପଣ ସ.ଅଙ୍କୁ ଦୃଢ ଅଙ୍ଗୀକାର ପ୍ରଦାନ କରିଛନ୍ତି ଯେ, ମୁଁ ବିଜୟ ପ୍ରଦାନ କରିବି । ଆପଣ ସ.ଅ କହିଲେ, ଏହା ସତ୍ୟ । କିନ୍ତୁ ତାହାଙ୍କ ନିଃସ୍ପୃହତା ଉପରେ ମୋର ଦୃଷ୍ଟି ରହିଛି । ଅର୍ଥାତ୍ କୌଣସି ପ୍ରତିଶ୍ରୁତି ବା ଅଙ୍ଗୀକାରକୁ ପୂର୍ଣ୍ଣ କରିବା ଈଶ୍ୱରଙ୍କ ଅନିର୍ବାର୍ଯ୍ୟାତ୍ମକ ଅଧିକାର ନୁହେଁ । ଅର୍ଥାତ୍ ଅନିର୍ବାର୍ଯ୍ୟ ନୁହେଁ । ବର୍ତ୍ତମାନ ଏହି ବୁଝିନେବା ଉଚିତ୍ ଯେ, ଯେହେତୁ ରସୁଲ୍ କରୀମ୍ ସ.ଅ ଈଶ୍ୱରଙ୍କ ପ୍ରତି ଶିଷ୍ଟାଚାର ତଥା ସୌଜନ୍ୟତା ପ୍ରଦର୍ଶନ କରିବାକୁ ଧ୍ୟାନ ରଖିଲେ ତେଣୁ ସକଳ ଅବତାରଙ୍କ ଉକ୍ତ ସ୍ୱୀକୃତ ଆସ୍ଥା ଠାରୁ କାହିଁକି ବିମୁଖତା ପ୍ରଦର୍ଶନ କରାଯିବ । ଅର୍ଥାତ୍ ଈଶ୍ୱରଙ୍କ ଭବିଷ୍ୟବାଣୀ କେତେବେଳେ ପ୍ରକାଶ୍ୟ ଶବ୍ଦରେ ପୂର୍ଣ୍ଣ ହୋଇଥାଏ ତ' ଆଉ କେତେବେଳେ ଉପମା ଆକାରରେ ପୂର୍ଣ୍ଣ ହୋଇଯାଇଥାଏ।"
**(ଜମିମା ବରାହିନେ ଅହମଦିୟା, ଭାଗ-5, ରୁହାନୀ ଖଜାଏନ୍-21, ପୃ-255-265)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଯେଉଁ ଆପତ୍ତିକର୍ତ୍ତାମାନେ ଆପଣ ଅ.ସଙ୍କ

**ଅଲ୍ଲାଃତାଲାଙ୍କ ବାଣୀ**

"ଓମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଉପରେ ଆପତ୍ତି କରନ୍ତି ଯେ, ଆପଣ ଅ.ସଙ୍କ ଭବିଷ୍ୟବାଣୀ ସଂପୂର୍ଣ୍ଣ ହେଲା ନାହିଁ, ସେହି ଲୋକମାନଙ୍କୁ ଉତ୍ତର ପ୍ରଦାନ କରି ଉକ୍ତ ଘଟଣାଟିକୁ ଉପସ୍ଥାପିତ କରି ଆପଣ ଅ.ସ ନିଜର ବିରୋଧୀମାନଙ୍କୁ କହିଲେ: "ଭବିଷ୍ୟବାଣୀ ପୂର୍ଣ୍ଣ ହେବାର ଅନେକ ଦିଗ (ଶୈଳୀ) ରହିଛି । କେତେକ ଭବିଷ୍ୟବାଣୀ ପ୍ରକାଶ୍ୟ ରୂପେ ପୂର୍ଣ୍ଣ ହୋଇଯାଇଥାଏ ତ' ଆଉ କେତେବେଳେ ଅନ୍ୟ ଆକାରରେ ପୂର୍ଣ୍ଣ ହୋଇଯାଇଥାଏ । କିନ୍ତୁ ଅଲ୍ଲାଃତାଲା ଯେଉଁ ଅଙ୍ଗୀକାର ତଥା ପ୍ରତିଶୃତି କରିଥାଆନ୍ତି ତାହାକୁ ସେ ଅବଶ୍ୟ ପୂର୍ଣ୍ଣ କରିଥାଆନ୍ତି। ସେ ଯାହା ହେଉ ଆମମାନଙ୍କୁ ସର୍ବଦା ଅଲ୍ଲାଃତାଲାଙ୍କ ସମ୍ମୁଖରେ ନତମସ୍ତକ ରହିବା ଉଚିତ୍ । କାରଣ ଅଲ୍ଲାଃତାଲାଙ୍କ ନିଃସ୍ପୃହତା ଯୋଗୁଁ କାଳେ ତହିଁରେ (ଭବିଷ୍ୟବାଣୀରେ) କୌଣସି ବିଳମ୍ବତା ସୃଷ୍ଟି ନେହେଉ, ପ୍ରତିଶୃତି ସମାପ୍ତ ହୋଇ ନଯାଉ । ବରଂ ଅଲ୍ଲାଃତାଲାଙ୍କ ସାହାଯ୍ୟ ଓ ସମର୍ଥନ ସର୍ବଦା ଆପଣମାନେ ପ୍ରାପ୍ତ କରୁଥାଆନ୍ତୁ ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ତୁମେମାନେ ଏକଥାକୁ ଭଲ ଭାବରେ ମନେରଖ ଯେ, ପ୍ରକୃତ ଏକେଶ୍ୱରବାଦୀ ହେଉଛନ୍ତି ସେହିମାନେ ଯେଉଁମାନେ ପୁଣ୍ୟ ପ୍ରଦର୍ଶନ କରିବାକୁ ଭୟ କରନ୍ତି ନାହିଁ ଓ ନା ହିଁ ସତ୍ୟତା ସ୍ୱୀକାର କରିବାକୁ ସେମାନେ ସଂସାରକୁ ଭୟ କରିଥାଆନ୍ତି । ସଂସାର ଯଦି କୌଣସି କୃତ୍ୟ ଯୋଗୁଁ ସେମାନଙ୍କୁ ଅପ୍ରିୟ ତଥା ଭର୍ତ୍ସନା ବୋଲି ମନେକରେ ତେବେ ସେମାନେ ଆଦୌ ଭୃକ୍ଷେପ କରନ୍ତି ନାହିଁ । କେତେକ ଲୋକମାନେ ଏହା କୁହନ୍ତି ଯେ, ସାହାବାମାନେ ଯେପରି ରୋଜା ରଖୁଥିଲେ, ପରିଶ୍ରମ କରୁଥିଲେ ଆଁହଜରତ୍ ସ.ଅ ସେପରି ରୋଜା ଓ ପରିଶ୍ରମ କରୁ ନଥିଲେ । ସାହାବାମାନଙ୍କ ମଧ୍ୟରୁ କେତେକ ସାହାବାମାନେ ସନ୍ନ୍ୟାସୀ ଜୀବନ ପର୍ଯ୍ୟନ୍ତ ଉପନୀତ (ପହଞ୍ଚି ଯାଉଥିଲେ) ହୋଇ ଯାଉଥିଲେ । ଅର୍ଥାତ୍ ଧର୍ମ ପ୍ରତି ସେମାନଙ୍କ ମନରେ ଏତେ ଅନାସକ୍ତ ଭାବ ସୃଷ୍ଟି ହୋଇଯାଇଥିଲା ଯେ, ସେମାନେ ସଂପୂର୍ଣ୍ଣ ରୂପେ ସଂସାରିକତାକୁ ପରିତ୍ୟାଗ କରି ବସିଥିଲେ । ତହିଁରୁ ଏହି ପରିଣାମ ବାହାରେ ନାହିଁ ଯେ, **ନାଉଜୁବିଲ୍ଲାଃ** ସେମାନେ ଆଁହଜରତ୍ ସ.ଅଙ୍କ ଠାରୁ ଅଗେଇ ଯାଇଥିଲେ । ବରଂ ପ୍ରକୃତ କଥା ଏହିକି ଯେ, ଆଁହଜରତ୍ ସ.ଅଙ୍କୁ ତ' ଅଲ୍ଲାଃତାଲା ବାଧ୍ୟ ବାଧକତା ଠାରୁ ବାହାରକୁ ବାହାର କିରଥିଲେ । ଆପଣ ସ.ଅ ତ' ଅଲ୍ଲାଃତାଲାଙ୍କ ଉପାସନାରେ ବ୍ୟସ୍ତ ଥିଲେ ଏବଂ ତାହାଙ୍କ ପ୍ରେମରେ ନିମଜ୍ଜିତ ଥିଲେ । ଆପଣ ସ.ଅଙ୍କ ବସ୍ତ୍ର ପିନ୍ଧିବା ଏବଂ ଶେଯରେ ଶୋଇବା ଅଲ୍ଲାଃତାଲାଙ୍କ ଅସ୍ତିତ୍ୱର ପରିପ୍ରକାଶକ ଥିନଲା । କିନ୍ତୁ ଅଲ୍ଲାଃତାଲା ବଳପୂର୍ବକୁ ତହିଁରୁ ଆପଣ ସ.ଅଙ୍କୁ କାଢିଥିଲେ । ଆପଣ ସ.ଅଙ୍କ ଯେଉଁ ଅଭ୍ୟାସ ଗୁପ୍ତ ଥିଲା ତାହା ଦୂରୀଭୂତ ହୋଇ ନଥିଲା । କାହାକୁ କ'ଣ ବା ଜଣା ଯେ, ଆପଣ ସ.ଅ ଗୁପ୍ତ ରୂପେ କିପରି ପରିଶ୍ରମ ଏବଂ ଈଶ୍ୱର ଉପାସନାରେ ବ୍ୟସ୍ତ ରହୁଥିଲେ ?"

ହୁଜୁର ଅ୍ନୱର୍ ଅ.ବ କହିଲେ, ସେହିପରି କବରସ୍ତାନ୍ର ଘଟଣା ପୂର୍ବେ ମଧ୍ୟ ଚର୍ଚ୍ଚା ହୋଇ ସାରିଛି । ଉକ୍ତ ଘଟଣାକୁ ବର୍ଣ୍ଣନା କରି ଆପଣ ଅ.ବ ଆଁହଜରତ୍ ସ.ଅଙ୍କ ଗୁପ୍ତ ତଥା ଲୁକ୍କାୟିତ ଅବସ୍ଥାକୁ ପ୍ରମାଣିତ କରିଛନ୍ତି । ଅର୍ଥାତ୍ ଏକଦା ଆଁହଜରତ୍ ସ.ଅଙ୍କ ହ. ଆଏଶା ର.ଅଙ୍କ ଘରେ ପାଳି ଥିଲା । ଯେତେବେଳେ ଆପଣ ର.ଅଙ୍କ (ହ. ଆଏଶା ର.ଅଙ୍କ) ଆଖି ଫିଟିଲା ସେତେବେଳକୁ ଆପଣ ର.ଅ ଦେଖିଲେ ଯେ, ଆପଣ ସ.ଅ ଶେଯରେ ନାହାନ୍ତି । ହ. ଆଏଶା ର.ଅ ଆଶ୍ଚର୍ଯ୍ୟ ହେଲେ, ଆପଣ ସ.ଅଙ୍କୁ ଖୋଜା ଖୋଜି କଲେ, କିନ୍ତୁ କିଛି ଖୋଜ ଖବର ପାଇଲେ ନାହିଁ । କବରସ୍ତାନ୍କୁ ଯେତେବେଳେ ଗଲେ ସେତେବେଳେ ଦେଖିଲେ ଯେ, ଆପଣ ସ.ଅ କବରସ୍ତାନ୍ ପାଖରେ ଅତ୍ୟନ୍ତ ଦୁଃଖାର୍ଦ୍ଦ ତଥା କୋହର ସହିତ ଦୁଆ କରୁଛନ୍ତି ଏବଂ ଅଲ୍ଲାଃତାଲାଙ୍କ ନିକଟରେ ନିବେଦନ କରୁଛନ୍ତି ଯେ, ହେ ଈଶ୍ୱର ! ମୋର ଆତ୍ମା, ମୋର ପ୍ରାଣ, ମୋର ଅସ୍ଥି (ହାଡ଼), ମୋ ଶରୀରର ପ୍ରତ୍ୟେକଟି କେଶ ତୁମ୍ଭକୁ ସିଜ୍ଦା (ପ୍ରଣୀପାତ ଏବଂ ଦଣ୍ଡବତ) କରୁଛି । ଆପଣ ସ.ଅ ଉକ୍ତ ଘଟଣାକୁ ଏହି ଶୈଳୀରେ ବର୍ଣ୍ଣନା କରି କହିଲେ, ଉକ୍ତ ପ୍ରସଙ୍ଗ ସଂପର୍କରେ ଯଦି ଆଏଶା ର.ଅ ଜାଣି ନଥାଆନ୍ତେ ତେବେ ଆଉ କିଏ ଜାଣନ୍ତା ଯେ, ଆପଣ ସ.ଅ ନିଜର ପାଳନକର୍ତ୍ତାଙ୍କ ସହିତ କେଉଁ ବ୍ୟାପାର କରୁଛନ୍ତି, କିପରି ଅଲ୍ଲାଃତାଲାଙ୍କ ଉପାସନା କରୁଛନ୍ତି, କିପରି ଲୁଚି ଏବଂ ଗୁପ୍ତ ରୂପେ ଈଶ୍ୱରଙ୍କ ଉପାସନା କରୁଛନ୍ତି । ଏହା ଆପଣ ସ.ଅଙ୍କ ଶ୍ରମ, ସାଧନା ଓ ଉପାସନାର ଅବସ୍ଥା ଥିଲା । ଯେହେତୁ ଅଲ୍ଲାଃତାଲା ଉପାସନାକାରୀଙ୍କ ଅଭ୍ୟାସରେ ଉକ୍ତ ପ୍ରସଙ୍ଗ ରଖି ଦିଅନ୍ତି ଯେ, ସେମାନେ ଲୁଚି ପ୍ରଭୁଙ୍କ ଉପାସନା କରି ଥାଆନ୍ତି । ସେଇଥି ପାଇଁ ସଂସାରକୁ ସେମାନଙ୍କ ପୂର୍ଣ୍ଣ ଅବସ୍ଥାର ସୂଚନା ମଧ୍ୟ ନଥାଏ । ସେମାନେ ସଂସାର ପାଇଁ କିଛି କରନ୍ତି ନାହିଁ । ସେମାନଙ୍କର ଯେଉଁ ସତ୍ତାଙ୍କୁ ସମ୍ମୁଖୀନ ହୁଅନ୍ତି ଏବଂ ଯେଉଁ ସତ୍ତାଙ୍କ ସହିତ ସେମାନେ ସଂପର୍କ ରଖନ୍ତି ସେହି ସତ୍ତା ସବୁ ଜାଣନ୍ତି ଅର୍ଥାତ୍ ଭକ୍ତମାନେ ଈଶ୍ୱରଙ୍କ ଉପାସନା କରିଥାଆନ୍ତି, ସେମାନେ ଈଶ୍ୱରଙ୍କୁ ପ୍ରେମ କରିଥାଆନ୍ତି। ଈଶ୍ୱରଙ୍କୁ ପ୍ରତ୍ୟେକ କଥା ଜ୍ଞାତ ଅଟେ । ସେ ଅନ୍ତର୍ଯାମୀ ଅଟନ୍ତି । ଏହି ଲୋକମାନେ ଲୋକ ଦେଖାଣିଆ ପାଇଁ କର୍ମ କରନ୍ତି ନାହିଁ ।

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-8ସ ପୃ-214-215, ସଂସ୍କରଣ ବର୍ଷ-2022 ମସିହା)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ପୁନଶ୍ଚ ଆଉ ଏକ ସ୍ଥାନରେ ଆପଣ ଅ.ସ କୁହନ୍ତି: "ଆଁହଜରତ୍ ସ.ଅଙ୍କ ସାଂସାରିକ ବସ୍ତୁ ଏବଂ ଲାଭର ଏହି ଅବସ୍ଥା ଥିଲା ଯେ, ଏକଦା ହ. ଉମର୍ ର.ଅ ଆଁହଜରତ୍ ସ.ଅଙ୍କୁ ସାକ୍ଷାତ୍ କରିବା ନିମନ୍ତେ ଗଲେ । ଏଥି ନିମନ୍ତେ ହ. ଉମର୍ ର.ଅ ଆଁହଜରତ୍ ସ.ଅଙ୍କ ନିକଟକୁ ଜଣେ ବାଳକ ପ୍ରେରଣ କିର ଆପଣ ସ.ଅଙ୍କ ଠାରୁ ଅନୁମତି ଲୋଡ଼ିବାକୁ ଚାହିଁଲେ । ଆଁହଜରତ୍ ସ.ଅ ଏକ ଖଜୁରୀ ଚଟେଇ (ମଶିଣା) ଉପରେ ଶୋଇଥିଲେ । ହ. ଉମର୍ ର.ଅ ଯେତେବେଳେ ଭିତରକୁ ଆସିଲେ ସେତେବେଳେ ଆପଣ ସ.ଅ ଛିଡ଼ା ହୋଇ ବସି ପଡ଼ିଲେ । ହ. ଉମର୍ ର.ଅ ଦେଖିଲେ ଯେ, ସବୁ ଘର ଖାଲି ପଡ଼ିଛି ଏବଂ ଘରେ ସୌନ୍ଦର୍ଯ୍ୟକରଣ, ଘରକରଣା ନିମନ୍ତେ କୌଣସି ଜିନିଷ ନାହିଁ । ଏକ ଖୁଣ୍ଟ ଉପରେ ଖଡ଼୍ଗ ଓହଳା ହୋଇଛି ଏବଂ ଆପଣ ସ.ଅ ଏକ ଚଟେଇ (ମଶିଣା) ଉପରେ ଶୋଇ ଥିଲେ । ସେହି ଚଟେଇର ଚିହ୍ନ ସବୁ ଆପଣ ସ.ଅଙ୍କ ପବିତ୍ର ପିଠିରେ ଅଙ୍କିତ ହୋଇଥିଲା । ହ. ଉମର୍ ର.ଅ ଆଁହଜରତ୍ ସ.ଅଙ୍କୁ ଦେଖି କାନ୍ଦି ପକାଇଲେ । ଆପଣ ସ.ଅ ପଚାରିଲେ ଯେ, ହେ ଉମର୍ ତୁମକୁ କେଉଁ କଥା କନ୍ଦାଇ ଦେଲା ? ହ. ଉମର୍ ର.ଅ ଉତ୍ତର ଦେଲେ ଯେ, କୈସର୍ ଓ କିସ୍ରା ତ' ଐଶ୍ୱର୍ଯ୍ୟର ଅଧିକାରୀ ହେବେ । ଅର୍ଥାତ୍ ସୁଖ ସ୍ୱାଚ୍ଛନ୍ଦ୍ୟରେ ରହିବେ, ସେମାନଙ୍କ ପାଖରେ ସମସ୍ତ ପୁରସ୍କର, ଧନ ସମ୍ପତ୍ତି ଓ ସୁଖ ସ୍ୱାଚ୍ଛନ୍ଦ୍ୟର ସାଧନ ରହିବ ଏବଂ ଆପଣ ସ.ଅ ଯେକି ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟନ୍ତି, ଆପଣ ଉଭୟ ଲୋକର ଅଧିପତି ଅଟନ୍ତି ଆପଣ ଏଭଳି ଦୁଃରାବସ୍ଥାରେ କାଳାତିପାତ କରିବେ ? ଆପଣ ସ.ଅଙ୍କ ପିଠିରେ ଚଟେଇର ଚିହ୍ନ ହୋଇଯାଉଛି । ଆଁହଜରତ୍ ସ.ଅ କହିଲେ, ହେ ଉମର୍ ! ସଂସାର ସହିତ ମୋର କୌଣସି ସଂପର୍କ ନାହିଁ ? ମୁଁ ତ' ସେହି ପଥିକ ପରି ନିଜର ଗୁଜୁରାଣ ମେଣ୍ଟାଉଛି, ଯିଏ ଓଟ ଉପରେ ଆରୋହଣ ହୋଇ ଲକ୍ଷ୍ୟ ସ୍ଥଳକୁ ଯାଇଥାଏ । ମରୁଭୂମିର ବାଟ ଏବଂ ଭୀଷଣ ଗ୍ରୀଷ୍ମ ଯୋଗୁଁ କୌଣସି ବୃକ୍ଷକୁ ଦେଖି ସେହି ବୃକ୍ଷର ଛାୟୀ ତଳେ କିଛି ସମୟ ପାଇଁ ବିଶ୍ରାମ ନେବା ପାଇଁ ଅଟକିଯାଏ । ସେହି ପଥିକ ବା ବାଟୋଇର ଝାଳ ଶୁଖିଯିବା ମାତ୍ରେ ସେ ସେଠାରୁ ପୁଣି ଆଗକୁ ଅଗ୍ରସର ହୁଏ (ବାହାରି ପଡ଼େ) ।"

**( ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-6, ପୃ-228-229, ସଂସ୍କରଣ ବର୍ଷ- 2022 ମସିହା)**

ହୁଜୁର ଅନ୍ୱର୍ ଅ.ବ କହିଲେ, ସେହିପରି ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ଅଲ୍ଲାଃତାଲା ଆୟତ୍ وَأَنذِرْ عَشِيرَتَكَ الْأَقْرَبِينَ (ଅର୍ଥାତ୍ ହେ ମୁହମ୍ମଦ ସ.ଅ ! ତୁମ୍ଭେ ନିଜର ସଂପର୍କୀୟ ଓ ଆତ୍ମୀୟ ସ୍ୱଜନମାନଙ୍କୁ ଈଶ୍ୱରଙ୍କ ଠାରୁ ଡରାଅ) ଆଁହଜରତ୍ ସ.ଅଙ୍କ ଉପରେ ଅବତୀର୍ଣ୍ଣ କଲେ ସେତେବେଳେ ଆଁହଜରତ୍ ସ.ଅ କହିଲେ, ହେ କୁରୈଶ୍ର ଲୋକମାନେ ତୁମେମାନେ ନିଜ ଜୀବନର ଚୁକ୍ତି କରିନିଅ । ଅଲ୍ଲାଃତାଲାଙ୍କ ସମକ୍ଷରେ ମୁଁ କିଛି ବି କାମ ଦେବି ନାହିଁ। ଅର୍ଥାତ୍ ତୁମେମାନେ ଯଦି ପୁଣ୍ୟ କର୍ମ ସମ୍ପାଦନ କରିବ, ଅଲ୍ଲାଃତାଲାଙ୍କ ଆଡ଼କୁ ରୁଚି ଓ ଅଗ୍ରହ ପ୍ରକାଶ କରିବ, ତାହାଙ୍କ ଉପାସନା କରିବ, ତାହାଙ୍କ ପ୍ରେମରେ ନିମଗ୍ନ ହୋଇଯିବ ତେବେ ତୁମେମାନଙ୍କୁ କ୍ଷମା କରିଦିଆଯିବ । ଅନ୍ୟଥା ମୁଁ ତୁମର କୌଣସି ଜିନିଷ କାମରେ ଆସିବି ନାହିଁ । ପୁନଶ୍ଚ ଆପଣ ସ.ଅ ନିଜର ଅନ୍ୟ ସଂପର୍କୀୟମାନଙ୍କୁ ଏବଂ ସଂପ୍ରଦାୟମାନଙ୍କୁ ସମ୍ବୋଧିତ କରି କହିଲେ, ହେ ଅବ୍ଦେ ମୁନାଫ୍ ! ମୁଁ ଅଲ୍ଲାଃତାଲାଙ୍କ ନିକଟରେ ତୁମର କୌଣସି କାମରେ ଆସିବି ନାହିଁ, ହେ ଅବ୍ବାସ୍ ବିନ୍ ଅବ୍ଦୁଲ୍ ମୁତଲ୍ଲିବ୍ ! ମୁଁ ଅଲ୍ଲାଃତାଲାଙ୍କ ନିକଟରେ ତୁମର କୌଣସି କାମରେ ଆସିବି ନାହିଁ । ହେ ଅଲ୍ଲାଃଲାତାଲାଙ୍କ ବାର୍ତ୍ତାବହଙ୍କ ପିଉସୀ ସଫିୟା ! ମୁଁ ଅଲ୍ଲାଃତାଲାଙ୍କ ନିକଟରେ ତୁମର କୌଣସି କାମରେ ଆସିବି ନାହିଁ ଓ ହେ ମୁହମ୍ମଦ୍ ସ.ଅଙ୍କ ପୁତ୍ରୀ ଫାତିମା ! ତୁମେ ମୋ ଧନ ମଧ୍ୟରୁ ଯାହା ଚାହୁଁଛ ତାହା ମାଗିନିଅ ! କିନ୍ତୁ ମୁଁ ଅଲ୍ଲାଃତାଲାଙ୍କ ନିକଟରେ ତୁମର କୌଣସି କାମରେ ଆସିବି ନାହିଁ । ଅର୍ଥାତ୍ ତୁମମାନଙ୍କର ଉପାସନା ଏବଂ ଅଲ୍ଲାଃତାଲାଙ୍କ ସହିତ ଥିବା ତୁମମାନଙ୍କର ସଂପର୍କ ହିଁ ତୁମକୁ ରକ୍ଷା କରିବ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଅଲ୍ଲାଃତାଲାଙ୍କ ସହିତ ଥିବା ପ୍ରେମ ତୁଳନାରେ ଆପଣ ସ.ଅଙ୍କୁ ନିଜ ପ୍ରାଣର ଆଦୌ ଚିନ୍ତା ନଥିଲା । ସୁତରାଂ ଆଁହଜରତ୍ ସ.ଅ ଯେତେବେଳେ ତବ୍ଲିଗ୍ କରିବାକୁ ଲାଗିଲେ ସେତେବେଳେ କୁରୈଶ୍ମାନେ ଅବୁ ତାଲିବ୍ଙ୍କ ନିକଟକୁ ଗଲେ ଏବଂ ତାଙ୍କୁ ଯାଇ କହିଲେ, ହେ ଅବୁ ତାଲିବ୍ ! ଆପଣଙ୍କ ପୁତୁରା ମୁହମ୍ମଦ୍ ସ.ଅ ଆମମାନଙ୍କର ଉପାସ୍ୟ ଦେବତାମାନଙ୍କର ଦୋଷ ଦୁର୍ବଳତା ବାହାର କରୁଛି । ତେଣୁ ଆପଣ ନିଜର ପୁତୁରାଙ୍କୁ ଅଟକାନ୍ତୁ । ଅନ୍ୟଥା ଆମେମାନେ

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

## ନବୀ ସ.ଅଙ୍କ ବାଣୀ:-

"ଇଜ୍ତନିବୁଲ୍ ଗଜିବା"

ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ସ୍ୱୟଂ ତାଙ୍କୁ ଅଟକାଇଦେବୁ ଓ ଆପଣ ତହିଁରେ କୌଣସି ହସ୍ତକ୍ଷେପ କରିବେ ନାହିଁ । ସେମାନେ କହିଲେ, ଅର୍ଥାତ୍ କୁରେଶ୍‌ମାନେ କହିଲେ, ହେ ଅବୁ ତାଲିବ୍ ! ଆମେମାନେ ଆପଣଙ୍କୁ ଅନୁରୋଧ କରିଥିଲୁ ଯେ, ଆପଣ ନିଜର ପୁତୁରାଙ୍କୁ ଟିକେ ଅଟକାନ୍ତୁ ଓ ତାଙ୍କୁ ବୁଝାନ୍ତୁ । ଆମେ ଏକଥା ପୂର୍ବେ ମଧ ଆପଣଙ୍କୁ କହିଥିଲୁ । କିନ୍ତୁ ଆପଣ ତାଙ୍କୁ ଅଟକାଇଲେ ନାହିଁ । ବର୍ତ୍ତମାନ ଆମେମାନେ ପୁଣିଥରେ ଆପଣଙ୍କ ନିକଟକୁ ଆସିଛୁ । ଯଦି ଆପଣ ତାଙ୍କୁ ନ ଅଟକାନ୍ତି, ତେବେ ଆମେମାନେ ମୁହମ୍ମଦଙ୍କୁ ଆମ ସଂପର୍କରେ ଏପରି କଥା କହିବାରୁ ଅଟକାଇବୁ ଅବା ଆମେମାନେ ଆପଣଙ୍କ ସହିତ ଓ ମୁହମ୍ମଦ ସହିତ ମୁକାବିଲା କରିବୁ । ଏପର୍ଯ୍ୟନ୍ତକି ଉଭୟ ପକ୍ଷ ମଧ୍ୟରୁ ଜଣେ ପକ୍ଷ ଅବଶ୍ୟ ମୃତ୍ୟୁବରଣ କରିବ । ଯେତେବେଳେ କୁରେଶ୍‌ମାନେ ଅବୁ ତାଲିବଙ୍କୁ ଏକଥା କହିଲେ, ସେତେବେଳେ ସେମାନେ ରସୁଲୁଲ୍ଲାଃ ସ.ଅଙ୍କୁ ଡକାଇଲେ ଏବଂ ଆପଣ ସ.ଅଙ୍କୁ କହିଲେ, ହେ ମୋ ଭାଇଙ୍କ ପୁତ୍ର ! ତୁମେ ମୋ ଉପରେ ଏପରି ବୋଝ ଏବଂ ଦାୟିତ୍ୱ ଲଦି ଦିଅ ନାହିଁ ଯାହାକୁ ମୁଁ ବର୍ଦାସ୍ତ (ସହ୍ୟ) କରିପିରାବି ନାହିଁ । ଆଁହଜରତ୍ ସ.ଅ ଭାବିଲେ ଯେ, ତାଙ୍କର ଚଚା ଆପଣ ସ.ଅଙ୍କୁ ସାହାଯ୍ୟ କରିବା ପରିତ୍ୟାଗ କରିଦେବେ ଓ ଆପଣ ସ.ଅଙ୍କୁ କୁରେଶ୍‌ଙ୍କୁ ହସ୍ତାନ୍ତର କରିଦେବେ । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ, ହେ ମୋର ଚଚା ! ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ଏହି ଲୋକମାନେ ଯଦି ମୋର ଦକ୍ଷିଣ ହାତରେ ସୂର୍ଯ୍ୟ ଓ ବାମ ହାତରେ ଚନ୍ଦ୍ର ଆଣି ରଖି (ଥୋଇ) ଦିଅନ୍ତି ତେବେ ମଧ ମୁଁ ନିଜର କର୍ତ୍ତବ୍ୟରୁ କେବେ ବି ନିବୃତ୍ତ (ଓହରିବି) ହେବି ନାହିଁ । ମୁଁ ନିଜର କାର୍ଯ୍ୟ ଜାରି ରଖିବି । ଏପର୍ଯ୍ୟନ୍ତକି ଈଶ୍ୱର ସେହି କାର୍ଯ୍ୟକୁ ସଂପୂର୍ଣ୍ଣ କରିବେ ଅବା ମୁଁ ଏହି ଉଦ୍ୟମରେ ମୃତ୍ୟୁବରଣ କରିବି । ଅବୁ ତାଲିବ୍ ଆପଣ ସ.ଅଙ୍କୁ ଡକାଇ କହିଲେ, ହେ ମୋର ପୁତୁରା ! ତୁମେ ଯାହା ଚାହୁଁଛ ତାହା କର । ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ଯେ, ମୁଁ ତୁମକୁ କୌଣସି କ୍ଷତିପୂରଣ ବଦଳରେ ବି ସେମାନଙ୍କୁ ହସ୍ତାନ୍ତର କରିବି ନାହିଁ । **(ଅସ୍ ସିରତୁନ୍ ନବୱିୟାହ୍, ଲିଇବନି ହିଶ୍ଶାମ୍, ପୃ-199-201, ମକତବା ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, ଲେବନାନ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଘଟଣାଟି ସିରତ୍ ଇବନେ ହିଶ୍ଶାମ୍ (ଇବନେ ହିଶ୍ଶାମଙ୍କ ଜୀବନୀ ପୁସ୍ତକରେ) ଲିଖିତ ହୋଇଛି । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ମଧ ଉକ୍ତ ଘଟଣାକୁ ବର୍ଣ୍ଣନା କରିଛନ୍ତି । ଆପଣ ଅ.ସ କୁହନ୍ତି: "ଯେତେବେଳେ ଉକ୍ତ ଆୟତ୍ ଅବତୀର୍ଣ୍ଣ ହେଲା ଯେ, ଅବିଶ୍ୱାସକାରୀମାନେ ଅପବିତ୍ର ଅଟନ୍ତି, ଅତି ନିକୃଷ୍ଟ ଜାତି ଅଟନ୍ତି, ମୂର୍ଖ ଅଟନ୍ତି, ସୈତାନ୍‌ର ସନ୍ତାନ ଅଟନ୍ତି, ସେମାନଙ୍କର ଉପାସ୍ୟ ଦେବତା ଅଗ୍ନିର ଓ ନର୍କକର ଇନ୍ଧନ ଅଟନ୍ତି ତେବେ ଅବୁ ତାଲିବ୍ ଆଁହଜରତ ସ.ଅଙ୍କୁ ଡକାଇ କହିଲେ, ହେ ମୋର ପୁତୁରା ! ତୁମେ କୁରେଶମାନଙ୍କର ଉପାସ୍ୟ ଦେବାତମାନଙ୍କୁ ଗାଳି ଗୁଲଚ କରିବା ଦ୍ୱାରା ଜାତି ଅତ୍ୟନ୍ତ ଉତ୍ୟକ୍ତ ହୋଇଯାଇଛି ଏବଂ ଏହା ଖୁବ୍ ନିକଟବର୍ତ୍ତୀ ଯେ, ସେମାନେ ତୁମକୁ ମାରିଦେବେ ଏବଂ ତୁମ ସହିତ ସେମାନେ ମୋତେ ମଧ ମାରିଦେବେ । ତୁମେ ସେମାନଙ୍କର ବୁଦ୍ଧିମାନ ବ୍ୟକ୍ତିଙ୍କୁ ମୂର୍ଖ ବିବେଚିତ କଲ ଏବଂ ସେମାନଙ୍କୁ ନିଃକୃଷ୍ଟ ଏବଂ ବଦ୍‌ମାସ ଜାତି ବୋଲି କହିଲେ, ସେମାନଙ୍କର ସମ୍ମାନସ୍ପଦ ଉପାସ୍ୟ ଦେବତାମାନଙ୍କ ନାମ ହେିଜମେ ଜହନମ୍ ଅର୍ଥାତ୍ ନର୍କାଗ୍ନିର ଇନ୍ଧନ ରଖିଲ ଏବଂ ସେମାନଙ୍କୁ ଅପବିତ୍ର ଏବଂ ସୈତାନର ସନ୍ତାନ ଓ ଅପବିତ୍ର ବୋଲି ବିବେଚତ କଲ । ମୁଁ ତୁମର ଶୁଭେଚ୍ଛୁ ହୋଇ କହୁଛି ଯେ, ହେ ମୁହମ୍ମଦ୍ ! ତୁମେ ନିଜର ତୁଣ୍ଡକୁ ଅଟକାଇ ଦିଅ ଏବଂ ସେମାନଙ୍କ ଉପାସ୍ୟ ଦେବତାଙ୍କୁ ଭର୍ତ୍ସନା କରିବାରୁ ନିବୃତ୍ତ ରୁହ, ଅନ୍ୟଥା ମୁଁ ଜାତି ସହିତ ମୁକାବିଲା କରିବା ନିମନ୍ତେ ସାମର୍ଥ୍ୟତା ରଖୁ ନାହିଁ । ପ୍ରତ୍ୟୁତ୍ତରରେ ଆଁହଜରତ୍ ସ.ଅ କହିଲେ, ହେ ଚଚା ! ଏହା ଗାଳିଗୁଲଚ ନୁହେଁ କି ଭର୍ତ୍ସନା ନୁହେଁ ବରଂ ଏହା ପ୍ରକୃତ ଘଟଣାର ପରିପ୍ରକାଶ ଅଟେ ଏବଂ କଥାକୁ ସଠିକ୍ ସ୍ଥାନରେ କୁହାଯାଇଛି । ଏହି କାର୍ଯ୍ୟ ସକାଶେ ମୁଁ ପ୍ରେରିତ ହୋଇଛି। ଏହି କାର୍ଯ୍ୟ କରିବା ଦ୍ୱାରା ମୁଁ ଯଦି ମୃତ୍ୟୁବରଣ କରେ ତେବେ ମୁଁ ସହାସ୍ୟର ସହିତ ସେହି ମୃତ୍ୟୁକୁ ସ୍ୱୀକାର କରୁଛି । ମୋର ଜୀବନ ଉକ୍ତ ମାର୍ଗରେ ଉତ୍ସର୍ଗ ଅଟେ। ମୁଁ ମୃତ୍ୟୁ ଭୟରେ ସତ୍ୟର ପରିପ୍ରକାଶ କରିବାକୁ କାହିଁକି ଅଟକିଯିବି ? ମୁଁ ଅଟକି ଯାଇପାରିବି ନାହିଁ । ହେ ଚଚା ! ତୁମ୍ଭକୁ ଯଦି ନିଜର ଦୁର୍ବଳତା ଏବଂ ନିଜର କଷ୍ଟର ଏତେ ଚିନ୍ତା ତେବେ ତୁମେ ମୋତେ ନିଜର ଆଶ୍ରୟ ଦେବାରୁ ଦୋଷମୁକ୍ତ ହୋଇଯାଅ। ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ମୋତେ ତୁମ୍ଭର କୌଣସି ଆବଶ୍ୟକତା ନାହିଁ । ମୁଁ ଈଶ୍ୱରଙ୍କ ଆଦେଶାବଲୀ ପହଞ୍ଚାଇବାକୁ କେବେ ବି ଅଟିକିଯିବି ନାହିଁ । ମୋର ପ୍ରାଣ ଅପେକ୍ଷା ମୋ ଈଶ୍ୱରଙ୍କ ଆଦେଶାବଳୀ ଅଧିକ ପ୍ରିୟ ଅଟେ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ମୁଁ ଯଦି ଏହି ମାର୍ଗରେ ମୃତ୍ୟୁବରଣ କରେ ତେବେ ମୁଁ ଏହା ଚାହୁଁଛି ଯେ, ମୁଁ ବାରମ୍ବାର ଜୀବିତ ହେବି ଓ ସର୍ବଦା ଏହି ମାର୍ଗରେ ହିଁ ମୁଁ ମୃତ୍ୟୁବରଣ କରିବି । ଏହା ଭୟବସ୍ଥା ନୁହେଁ ବରଂ ତହିଁରେ ଅସୀମ ଆନନ୍ଦ ରହିଛି ଯେ, ମୁଁ ଏହି ମାର୍ଗରେ ଦୁଃଖ କଷ୍ଟ ସହ୍ୟ କରିବି ।" **(ଇଜାଲା ଔହାମ୍, ଭାଗ-1, ଗ୍ରନ୍ଥଖଣ୍ଡ-3, ପୃ-110-111)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ.ମୁସ୍‌ଲେହ୍ ମଉଦ ର.ଅ ଉକ୍ତ ଘଟଣାର ବ୍ୟାଖ୍ୟା କରି ଉଲ୍ଲେଖ କରିଛନ୍ତି ଯେ, ରସୁଲ୍ କରୀମ୍ ସ.ଅଙ୍କ ସମଗ୍ର ଜୀବନ ଈଶ୍ୱର ପ୍ରେମର ନିମଗ୍ନ ଥିବାର ଦୃଶ୍ୟମାନ ହୁଏ । ଆପଣ ସ.ଅଙ୍କ ଉପରେ ବିଶାଳ ସଂପ୍ରଦାୟର ଗୁରୁଦାୟିତ୍ୱ ନ୍ୟସ୍ତ ହେବା ସତ୍ତ୍ୱେ ମଧ ଆପଣ ସ.ଅ ଦିନ ରାତି ଉପାସନାରେ ବ୍ୟସ୍ତ ରହୁଥିଲେ । ଅର୍ଦ୍ଧ ରାତ୍ର ବିତିଯିବା ପରେ ଆପଣ ସ.ଅ ଅଲ୍ଲାଃତାଲାଙ୍କ ଉପାସନା କରିବା ନିମନ୍ତେ ଛିଡ଼ା ହୋଇଯାଉଥିଲେ ଏବଂ ସକାଳ ପର୍ଯ୍ୟନ୍ତ ଆପଣ ସ.ଅ ଉପାସନା କରୁଥିଲେ ଏବଂ ଏହା ଏଇଥି ପାଇଁ ଯେ, ଆଁହଜରତ୍ ସ.ଅ କହିଲେ, ଯଦି ଏକଥା ସତ୍ୟ ଯେ, ମୁଁ ଈଶ୍ୱରଙ୍କ ନିକଟବର୍ତ୍ତୀ ଭକ୍ତ ଏବଂ ଈଶ୍ୱର ନିଜର କୃପା କରି ମୋତେ ନିଜର ସାନ୍ନିଧ ପ୍ରଦାନ କରିଛନ୍ତି ତେବେ କ'ଣ ମୋର ଏହି କର୍ତ୍ତବ୍ୟ ନୁହେଁ ଯେ, ମୁଁ ଯଥାସମ୍ଭବ ତାହାଙ୍କ ଅର୍ଥାତ୍ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନକାରୀ ବ୍ୟକ୍ତି ରୂପେ ବିବିଚେିତ ହେବି। କାରଣ ଉପକାର ବଦଳରେ ଜଣେ ବ୍ୟକ୍ତି କୃତଜ୍ଞତା ଜ୍ଞାପନ କରିଥାଏ। ଅର୍ଥାତ୍ ଅଲ୍ଲାଃତାଲା ଯେତେବେଳେ ମୋ ଉପରେ ଉପକାର କଲେ, ସେତେବେଳେ ମୋର ଏହି କର୍ତ୍ତବ୍ୟ ରହିଛି ଯେ, ମୁଁ ମଧ ତାହାଙ୍କ କୃତଜ୍ଞତା ଜ୍ଞାପନ କରିବି । ସେହିପରି ଆପଣ ସ.ଅ ଅଲ୍ଲାଃତାଲାଙ୍କ ଆଜ୍ଞା ବ୍ୟତୀତ କୌଣସି ବଡ଼ କାର୍ଯ୍ୟ କରୁ ନଥିଲେ । ଯେତେବେଳେ ଅଲ୍ଲାଃତାଲା ଆଦେଶ ଦେଉଥିଲେ ସେତେବେଳେ ଆପଣ ସ.ଅ କୌଣସି କାର୍ଯ୍ୟ ସମ୍ପାଦନ କରୁଥିଲେ । ସୁତରାଂ ଆମେମାନେ ଦେଖୁ ଯେ, ମକ୍କାର ଲୋକମାନେ ଆପଣ ସ.ଅଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିବା ସତ୍ତ୍ୱେ ମଧ ଆପଣ ସ.ଅ ମକ୍କା ଛାଡ଼ିଲେ ନାହିଁ । କିନ୍ତୁ ଯେତେବେଳେ ଅଲ୍ଲାଃତାଲାଙ୍କ ତରଫରୁ ଆପଣ ସ.ଅଙ୍କ ଉପରେ ଐଶୀବାଣୀ ଅବତୀର୍ଣ୍ଣ ହେଲା ଏବଂ ଆପଣ ସ.ଅଙ୍କୁ ମକ୍କା ଛାଡ଼ିବା ନିମନ୍ତେ ଆଦେଶ ମିଳିଲା ସେତେବେଳେ ଆପଣ ସ.ଅ ମକ୍କା ଛାଡ଼ିଥିଲେ। ମକ୍କାବାସୀଙ୍କ ଘୋର ଅତ୍ୟାଚାରକୁ ଦେଖି ଆପଣ ସ.ଅ ନିଜର ସାହାବାମାନଙ୍କୁ ଯେତେବେଳେ ହବଶା (ଇଥିଓପିଆ) ଦେଶକୁ ପ୍ରବାସ କରିବା ନିମନ୍ତେ ଅନୁମତି ପ୍ରଦାନ କଲେ ସେତେବେଳେ ସେମାନେ ଆପଣ ସ.ଅଙ୍କ ନିକଟରେ ଏହି ଇଚ୍ଛା ବ୍ୟକ୍ତ କଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ମଧ ଆମମାନଙ୍କ ସହିତ ଚାଲନ୍ତୁ । ତେବେ ଆପଣ ସ.ଅ କହିଲେ, ମୋତେ ବର୍ତ୍ତମାନ ଈଶ୍ୱରଙ୍କ ତରଫରୁ ଅନୁମତି ଏବଂ ଆଜ୍ଞା ମିଳି ନାହିଁ । ତେଣୁ ମୁଁ ଯାଇ ପାରିବି ନାହିଁ। ଅନ୍ୟାୟ ଏବଂ ଅତ୍ୟାଚାର ସମୟରେ ଲୋକମାନେ ଯେତେବେଳେ ନିଜର ବନ୍ଧୁ ପରିଜନମାନଙ୍କୁ ନିଜ ଆଖପାଖରେ ଏକତ୍ରିତ କରି ନିଅନ୍ତି ସେତେବେଳେ ଆପଣ ସ.ଅ ନିଜର ଜମାଅତ୍‌କୁ ହବଶା ଆଡ଼କୁ ଚାଲି ଯିବା ନିମନ୍ତେ ନିର୍ଦ୍ଦେଶ ଦେଲେ ଏବଂ ସ୍ୱୟଂ ଏକୁଟିଆ ମକ୍କାରେ ରହିଗଲେ । ସେଇଥି ପାଇଁ ଆପଣ ସ.ଅଙ୍କ ଈଶ୍ୱର ଆପଣ ସ.ଅଙ୍କୁ ପ୍ରବାସ କରିବା ନିମନ୍ତେ ଆଦେଶ ଦେଇ ନଥିଲେ । ଆଁହଜରତ୍ ସ.ଅ ଯେତେବେଳେ ଅଲ୍ଲାଃତାଲାଙ୍କ ବାଣୀ ଶୁଣୁଥିଲେ ସେତେବେଳେ ଆପଣ ସ.ଅ ବ୍ୟାକୁଳିତ ହୋଇ ଉଠୁଥିଲେ ଏବଂ ଆପଣ ସ.ଅଙ୍କ ଚକ୍ଷୁରୁ ଲୁହ ଧାର ଧାର ହୋଇ ବହି ଯାଉଥିଲା । ବିଶେଷ କରି ସେହି ଆୟତ୍‌ମାନଙ୍କରେ ଯହିଁରେ ଆପଣ ସ.ଅଙ୍କୁ ନିଜର ଦାୟିତ୍ୱ ପ୍ରତି ଅବଗତ ଓ ଧାନ ଆକର୍ଷଣ କରାଯାଇଛି । ସୁତରାଂ ଅବଦୁଲ୍ଲାଃ ବିନ୍ ମସଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଏକଦା ମୋତେ ଆଁହଜରତ୍ ସ.ଅ କହିଲେ, ହେ ଅବ୍‌ଦୁଲ୍ଲାଃ ! ତୁମେ ମୋତେ ପବିତ୍ର କୁରଆନ୍ କରୀମ୍‌ର କିଛି ଆୟତ୍ ପାଠ କରି ଶୁଣାଅ । ମୁଁ ଏହାର ଉତ୍ତରରେ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ପବିତ୍ର କୁରାନ୍ କରୀମ୍ ତ' ଆପଣ ସ.ଅଙ୍କ ଉପରେ ଅବତୀର୍ଣ୍ଣ ହୋଇଛି, ଭଲା ମୁଁ କିପରି ଆପଣ ସ.ଅଙ୍କୁ ଶୁଣାଇ ପାରିବି ? ଆପଣ ସ.ଅ କହିଲେ, ମୁଁ ଏହା ପସନ୍ଦ କରୁଛି ଯେ, ମୁଁ ପବିତ୍ର କୁରଆନ୍ କରୀମ୍ ଅନ୍ୟ ଲୋକମାନଙ୍କ ଠାରୁ ମଧ ଶୁଣିବି । ଅତଏବ୍ ପ୍ରତ୍ୟୁତ୍ତରରେ ହ. ଅବ୍‌ଦୁଲ୍ଲାଃ ର.ଅ ସୁରାଃ ନିସାର ଆୟତ୍ ପାଠ କରିବା ଆରମ୍ଭ କରିଦେଲେ । ସୁରାଃ ପାଠ କରୁ କରୁ ମୁଁ ଯେତେବେଳେ ଏହି ଆୟତ୍‌ରେ ପହଞ୍ଚିଲି, ଯେ, فَكَيْفَ إِذَا جِئْنَا مِنْ كُلِّ أُمَّةٍ بِشَهِيدٍ وَجِئْنَا بِكَ عَلَىٰ هَٰؤُلَاءِ شَهِيدًا **(ସୁରତୁନ୍ ନିସା: 42)** ଅନୁବାଦ୍: ଅର୍ଥାତ୍ ଆମ୍ଭେ ଯେତେବେଳେ ପ୍ରତ୍ୟେକ ଗୋଷ୍ଠୀରୁ ଜଣେ ଲେଖାଁଏ ସାକ୍ଷୀ ଆଣିବୁ ଏବଂ ସେମାନଙ୍କ ବିରୁଦ୍ଧରେ ତୁମ୍ଭକୁ ସାକ୍ଷୀ ସ୍ୱରୂପ ଆଣିବୁ ସେତେବେଳେ ସେମାନଙ୍କର ଅବସ୍ଥା କ'ଣ ହେବ ? ଅତଏବ୍ ସେତେବେଳେ ରସୁଲୁଲ୍ଲାଃ ସ.ଅ କହିଲେ, ବାସ୍ ବାସ୍ ! ସେତିକି ଥାଉ, ସେତିକି ଥାଉ ! ମୁଁ ଆପଣ ସ.ଅଙ୍କ ଆଡ଼କୁ ଯେତେବେଳେ ଦେଖିଲି, ସେତେବେଳେ ଆପଣ ସ.ଅଙ୍କ ଉଭୟ ଆଖିରୁ ଲୁହ ଟପ୍ ଟପ୍ ହୋଇ ତଳେ ପଡୁଥିଲା । **(ଦିବାଚା ତଫସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-**

## ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah, Jamat Ahmadiya Kerang (Odisha)

## ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُونُوا مَعَ الصَّادِقِينَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

**382-383)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଉକ୍ତ ଘଟଣାଟିକୁ ମୁଁ ପୂର୍ବେ ମଧ୍ୟ ବର୍ଣ୍ଣନା କରି ସାରିଛି। କିନ୍ତୁ ଆମେମାନେ ଯେତେଥର ଶୁଣୁ ସେତେଥର ଆମକୁ ଆଁହଜରତ୍ ସ.ଅଙ୍କ ଭୟ ଏବଂ ଈଶ୍ୱର ପ୍ରେମର ନୂତନ ଶୈଳୀ ଦୃଶ୍ୟମାନ ହୋଇଥାଏ । ହୁଜୁର ଅନ୍ୱର୍ ଅ.ବ କହିଲେ, ଈଶ୍ୱର ପ୍ରେମ ସଂପର୍କରେ ଆଁହଜରତ୍ ସ.ଅଙ୍କ ତାଏଫ୍ ଯାତ୍ରାରେ ଆହତ ହେବାର ଘଟଣା ସଂପର୍କରେ ବର୍ଣ୍ଣନା ମିଳେ । ଇତିହାସରେ ବର୍ଣ୍ଣିତ ହୋଇଛି ଯେ, 10 ନବୱୀରେ ଅବୁ ତାଲିବ୍‌ଙ୍କ ବିୟୋଗ ପରେ ଯେତେବେଳେ କୁରୈଶ୍‌ମାନେ ରସୁଲୁଲ୍ଲାଃ ସ.ଅଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିବା ଆରମ୍ଭ କଲେ ସେତେବେଳେ ଆପଣ ସ.ଅ ତାଏଫ୍ ଚାଲିଗଲେ । ଆପଣ ସ.ଅ ଦଶ ଦିନ ପର୍ଯ୍ୟନ୍ତ ତାଏଫ୍ ଠାରେ ରହିଲେ ଏବଂ ଲୋକମାନଙ୍କୁ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କରୁଥିଲେ। କିନ୍ତୁ କେହି ବି ଆପଣ ସ.ଅଙ୍କ ନିମନ୍ତ୍ରଣକୁ ସ୍ୱୀକାର କଲା ନାହିଁ । ଯେତେବେଳେ ଧନାଢ୍ୟ ଅଧିପତିମାନଙ୍କ ମନରେ ଏହି ଧାରଣା ସୃଷ୍ଟି ହେଲା ଯେ, ଯୁବକମାନେ ଆପଣ ସ.ଅଙ୍କ ନିମନ୍ତ୍ରଣ ଏବଂ ପ୍ରଚାରକୁ ସ୍ୱୀକାର କରିନେବେ ସେତେବେଳେ କିଛି ଯୁବକମାନେ ଆପଣ ସ.ଅଙ୍କ ନିମନ୍ତ୍ରଣକୁ ସ୍ୱୀକାର ମଧ୍ୟ କରିନେଲେ । ଅତଏବ୍ ସେମାନେ ବାରବୁଲା ଲୋକମାନଙ୍କୁ ଆପଣ ସ.ଅଙ୍କ ବିରୁଦ୍ଧରେ ଉସ୍‌କାଇଲେ । ସେହି ବାରବୁଲା ଲୋକମାନେ ଆପଣ ସ.ଅଙ୍କ ଉପରକୁ ଟେକା ପଥର ଫିଙ୍ଗିବାକୁ ଲାଗିଲେ। ଯଦ୍ୱାରାକି ଆପଣ ସ.ଅଙ୍କ ଉଭୟ ପାଦରୁ ରକ୍ତ ବହିବାକୁ ଲାଗିଲା । ହ. ଜୈଦ୍ ବିନ୍ ହାରିସ୍ ର.ଅ ମଧ୍ୟ ଆପଣ ସ.ଅଙ୍କ ସହିତ ଥିଲେ। ଯେତେବେଳେ ଆଁହଜରତ୍ ସ.ଅଙ୍କ ଆଡ଼କୁ କୌଣସି ଟେକା ପଥର ଆସୁଥିଲା ସେତେବେଳେ ହ. ଜୈଦ୍ ର.ଅ ସେହି ଟକା ପଥରକୁ ନିଜ ଉପରେ ନେଇ ନେବା ନିମନ୍ତେ ଉଦ୍ୟମ କରୁଥିଲେ । ଏପର୍ଯ୍ୟନ୍ତକି ଆପଣ ସ.ଅଙ୍କ ଏବଂ ହ. ଜୈଦ୍ ର.ଅଙ୍କ ମୁଣ୍ଡରେ ମଧ୍ୟ ଅସଂଖ୍ୟ ଆଘାତ୍ ବାଜିଲା ଓ ଦୁହେଁ ଗମ୍ଭୀର ରୂପେ ଆହତ ହୋଇଥିଲେ। **(ଅତ୍‌ତବ୍ କାତୁଲ୍ କୁବ୍ରା, ଗ୍ରନ୍ଥଖଣ୍ଡ-1, ପୃ-165, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁିତ୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ସହି ବୁଖାରୀରେ ଉକ୍ତ ଘଟଣା ସଂପର୍କରେ ବର୍ଣ୍ଣନା ରହିଛି । ନବୀ କରୀମ୍ ସ.ଅଙ୍କ ପବିତ୍ର ପତ୍ନି ହ. ଆଏଶା ର.ଅ ବର୍ଣ୍ଣନା କଲେ ଯେ, ସେ ନବୀ କରୀମ୍ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅଙ୍କ ଉପରେ ଓହୋଦ୍ ଦିନ ଅପେକ୍ଷା ଅଧିକ କଷ୍ଟକର କେଉଁ ଦିନ ଆସିଛି ? ଅର୍ଥାତ୍ ଆପଣ ସ.ଅ ଓହୋଦ୍ ଯୁଦ୍ଧ ଦିନ ଆହତ ହୋଇଥିଲେ ନା ଅନ୍ୟ ଦିନରେ ? ଆପଣ ସ.ଅ ପ୍ରତ୍ୟୁତ୍ତରରେ କହିଲେ, ହେ ଆଏଶା ! ମୋତେ ତୁମ ସଂପ୍ରଦାୟ ପକ୍ଷରୁ ଯେଉଁ କଷ୍ଟ ପ୍ରାପ୍ତ ହୋଇଛି ତାହା ଅତ୍ୟନ୍ତ ଯନ୍ତ୍ରଣାଦାୟକ ଥିଲା । ସେହି ଦିନଟି ଅର୍ଥାତ୍ ଅକ୍‌ବା ଦିନଟି ଅତ୍ୟନ୍ତ ଭୟଙ୍କର ଦିନ ଥିଲା ଯାହା ମୋତେ ତାଏଫ୍‌ବାସୀଙ୍କ ତରଫରୁ ପହଞ୍ଚିଥିଲା । ଆଁହଜରତ୍ ସ.ଅ କହିଲେ, ମୁଁ ଯେତେବେଳେ ତାଏଫ୍‌ରେ ଥିଲି ଏବଂ ଯେତେବେଳେ ମୁଁ ନିଜକୁ ଇବ୍‌ନେ ଅବଦ୍ କିମ୍ବା ଅବ୍ଦ କୁଲାଲଙ୍କ ସମ୍ମୁଖରେ ଉପସ୍ଥାପିତ କଲି ଏବଂ ସନ୍ଦେଶ ପହଞ୍ଚାଇଲି ସେତେବେଳେ ମୁଁ ତା' ଠାରୁ ଯେଉଁ ଉତ୍ତରର ଆଶା ପୋଷଣ କରିଥିଲି ତାହା ପାଇଲି ନାହିଁ । ଅତଏବ୍ ମୁଁ ସେଠାରୁ ପ୍ରସ୍ଥାନ କଲି ଏବଂ ମୁଁ ଚିନ୍ତିତ ଥିଲି, ନିଜ ବାଟରେ ଏହି କଥା ଭାବି ଭାବି ଯାଉଥିଲି ମୋ ସନ୍ଦେଶକୁ କେହି ସ୍ୱୀକାର କଲେ ନାହିଁ । ମୁଁ ଯେତେବେଳେ କର୍ନୁଶ୍ ସାଆଲିବ୍ ଠାରେ ପହଞ୍ଚିଲି (ଏହା ମିନା ନାମକ ନିକଟବର୍ତ୍ତୀ ଏକ ଛୋଟ ପର୍ବତ ଅଟେ) ସେତେବେଳେ ମୋର ଏହି ଚିନ୍ତାଗ୍ରସ୍ତ ଅବସ୍ଥା ଦୂର ହୋଇଗଲା ଏବଂ ମୁଁ ନିଜର ମୁଣ୍ଡ ଉପରକୁ ଉଠାଇଲି ସେତେବେଳେ ମୁଁ ଏହା ଦେଖିଲି ଯେ, ଏକ ବାଦଲ୍ ମୋ ଉପରେ ଛାୟୀ କରିଅଛି । ମୁଁ ଦେଖିଲି ଯେ, ସେହି ବାଦଲ୍‌ରେ ହ. ଜିବ୍ରାଇଲ୍ ଅ.ସ ଅଛନ୍ତି । ସେ ମୋତେ ଡାକି କହିଲେ, ହେ ମୁହମ୍ମଦ୍ ସ.ଅ ! ଅଲ୍ଲାଃତାଲା ତୁମ ସଂପର୍କରେ ତୁମ ଜାତିର ଡାକକୁ ଶୁଣି ନେଇଛନ୍ତି । ଅର୍ଥାତ୍ ତୁମ ସହିତ ତୁମର ଜାତି ଯେଉଁ ଆଚରଣ ପ୍ରଦର୍ଶନ କରିଛନ୍ତି ଏବଂ ସେମାନେ ତୁମକୁ ଯେଉଁ ଉତ୍ତର ଦେଇଛନ୍ତି ତାହାକୁ ମଧ୍ୟ ଅଲ୍ଲାଃତାଲା ଶୁଣି ନେଇଛନ୍ତି । ତେଣୁ ଅଲ୍ଲାଃତାଲା ତୁମ ଆଡ଼କୁ ପର୍ବତର ଦେବଦୂତ ପ୍ରେରଣ କରିଛନ୍ତି। ଅର୍ଥାତ୍ ଆପଣ ସ.ଅ ସେହି ଲୋକମାନଙ୍କ ସଂପର୍କରେ ଯେଉଁ ନିର୍ଣ୍ଣୟ କରିବାକୁ ଚାହୁଁଛନ୍ତି ସେହି ଦେବଦୂତକୁ ଆଦେଶ ଦିଅନ୍ତୁ । ଆଁହଜରତ୍ ସ.ଅ କୁହନ୍ତି ଯେ, ମୋତେ ପର୍ବତା ରାଜ ବା ପର୍ବତର ଦେବଦୂତ ଡାକିଲେ ଏବଂ ସେ ମୋତେ ନମସ୍କାର କଲେ। ପୁନଶ୍ଚ କହିଲେ, ହେ ମୁହମ୍ମଦ ସ.ଅ ! ଆପଣ ଏଥି ସଂକ୍ରାନ୍ତରେ ଯାହା ଚାହୁଁଛନ୍ତି ତାହା ମୋତେ ଆଦେଶ ଦିଅନ୍ତୁ । ଯଦି ଆପଣ ଚାହୁଁଛନ୍ତି ତେବେ ମୁଁ ଦୁଇ ପର୍ବତକୁ ସେମାନଙ୍କ ଉପରେ ମିଶାଇ ଦେବି । ଅର୍ଥାତ୍ ଖସାଇଦେବି । ଏମାନେ ପାହାଡ଼ ତଳେ ଦବିଯିବେ । ପ୍ରତ୍ୟୁତ୍ତରରେ ନବୀ କରୀମ୍ ସ.ଅ କହିଲେ, ହେ ଦେବଦୂତ ପର୍ବତରାଜ ମୁଁ ଏହି ଆଶା କରୁଛି ଯେ, ଅଲ୍ଲାଃତାଲା ସେହି ଲୋକମାନଙ୍କ ମଧ୍ୟରୁ ଏପରି ଲୋକ ମଧ୍ୟ ସୃଷ୍ଟି କରିବେ ଯେଉଁମାନେ ଏକେଶ୍ୱର ଅଲ୍ଲାଃଙ୍କ ଉପାସନା କରିବେ ଏବଂ ତାହାଙ୍କ ସହିତ ଅନ୍ୟ କାହିରୁକ ବି ସମକକ୍ଷ କରିବେ ନାହିଁ । **(ସହିହୁଲ୍ ବୁଖାରୀ, କିତାବ୍ ବଦଇଲ୍ ଖଲ୍‌କି, ବାବ୍- ଇଜା କାଲା ଅହଦକୁମ: ଆମ୍ମିନଲ୍ ମଲାଇକତା ଫିସ୍ ସମାଇ......ହଦିସ୍ ନଂ-3231) (ଜୀବନୀ ଶବ୍ଦକୋଷ, ପୃ-235, ସଂସ୍କରଣ ବର୍ଷ-2003)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଅତଏବ୍ ଆପଣ ସ.ଅଙ୍କ ସହାନୁଭୂତି ଏଠାରେ ମଧ୍ୟ ଜୟଯୁକ୍ତ ହେଲା ଓ ଆପଣ ସ.ଅ ସେହି ଜାତିକୁ ବଞ୍ଚାଇ ନେଲେ ଏବଂ ପୁନଶ୍ଚ କିଛି କାଳ ପରେ ମକ୍କା ବିଜୟ ପରେ ତାଏଫ୍‌ବାସୀଙ୍କ ସନ୍ତାନମାନେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲେ । ହୁଜୁର ଅନ୍ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଆଁହଜରତ୍ ସ.ଅଙ୍କ ପଦ ମର୍ଯ୍ୟାଦା ସଂପର୍କରେ ବର୍ଣ୍ଣନା କରି କୁହନ୍ତି : "ଯେଉଁ ସର୍ବୋଚ୍ଚ ସ୍ତରୀୟ ଜ୍ୟୋତି ବା ଆଲୋକ ଯାହା ମନୁଷ୍ୟକୁ ପ୍ରଦାନ କରାଗଲା ଅର୍ଥାତ୍ ସର୍ବୋତ୍ତମ, ପୂର୍ଣ୍ଣ ମାନବଙ୍କୁ ପ୍ରଦାନ କରାଗଲା ସେହି ଜ୍ୟୋତି ଦେବଦୂତମାନଙ୍କ ମଧ୍ୟରେ ନଥିଲା, ତାରକାମାନଙ୍କ ମଧ୍ୟରେ ନଥିଲା, ଚନ୍ଦ୍ର ମଧ୍ୟରେ ନଥିଲା, ସୂର୍ଯ୍ୟ ମଧ୍ୟରେ ନଥିଲା, ଭୂମିରେ ମଧ୍ୟ ନଥିଲା, ସେହି ଜ୍ୟୋତି ସମୁଦ୍ର ଏବଂ ନଈ ମଧ୍ୟରେ ବି ନଥିଲା, ସେହି ଜ୍ୟୋତି ମୁକ୍ତା ମାଣିକ୍ୟରେ, ସ୍ୱର୍ଗର ମୁକ୍ତାରେ ମଧ୍ୟ ନଥିଲା । ଅର୍ଥାତ୍ ସେହି ଜ୍ୟୋତି କୌଣସି ଆକାଶୀୟ ଏବଂ ପାତାଳ ବସ୍ତୁ ମଧ୍ୟରେ ବି ନଥିଲା । ସେହି ଜ୍ୟୋତି କେବଳ ଓ କେବଳ ମନୁଷ୍ୟ ମଧ୍ୟରେ ହିଁ ଥିଲା । ଅର୍ଥାତ୍ ପୂର୍ଣ୍ଣାବତାର, ମର୍ଯ୍ୟାଦା ପୁରୁଷ, ପୁରୁଷୋତ୍ତମ ହ. ମୁହମ୍ମଦ୍ ସ.ଅଙ୍କ ମଧ୍ୟରେ ଥିଲା। ସେହି ପୂର୍ଣ୍ଣାବତାର ଯେକି ସଂପୂର୍ଣ୍ଣ, ସର୍ବୋଚ୍ଚ ଅଟନ୍ତି ତାହାଙ୍କ ମଧ୍ୟରେ ହିଁ ସେହି ପୂର୍ଣ୍ଣ ଦିବ୍ୟ ଜ୍ୟୋତି ଥିଲା । ସୁତରାଂ ସେହି ଆଲୋକ ମନୁଷ୍ୟକୁ ଦିଆଗଲା ଏବଂ ସ୍ତରାନୁଯାୟୀ ତାହାଙ୍କ ପରି ଗୁଣର ଅଧିକାରୀ ଥିବା ଲୋକମାନଙ୍କୁ ମଧ୍ୟ ପ୍ରଦାନ କରାଗଲା । ଅର୍ଥାତ୍ ସେହି ଲୋକମାନଙ୍କୁ ଯେଉଁମାନେ କୌଣସି ପ୍ରକାରେ ଅର୍ଥାତ୍ ଆପଣ ସ.ଅଙ୍କ ଅନୁଗାମୀମାନଙ୍କୁ ଏବଂ ଆପଣ ସ.ଅଙ୍କ ସୁନ୍ନତ୍ (ପ୍ରଥା) ଉପରେ କାର୍ଯ୍ୟାନୁସରଣ କରୁଥିବା ଲୋକମାନଙ୍କୁ ମଧ୍ୟ ପ୍ରଦାନ କରାଗଲା ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ପୁନଶ୍ଚ ଉକ୍ତ କଥାର ସ୍ପଷ୍ଟୀକରଣ ପ୍ରଦାନ କଲେ ଯେ, ଅମାନତ ବା ନ୍ୟାସ କ'ଣ ଯାହା ମନୁଷ୍ୟକୁ ପ୍ରଦାନ କରାଗଲା ? ଆପଣ ଅ.ସ କୁହନ୍ତି: "ଅମାନତରୁ ଯଥାର୍ଥ ପୂର୍ଣ୍ଣ ମନୁଷ୍ୟର ସେହି ସମସ୍ତ ଶକ୍ତି, ବୁଦ୍ଧି, ଜ୍ଞାନ, ମନ, ପ୍ରାଣ, ଚିନ୍ତା, ଚେତନା, ଭୟ, ଦୟା, ପ୍ରେମ, ମାସ, ମାନ ମର୍ଯ୍ୟାଦା ଏବଂ ସମସ୍ତ ପ୍ରକାରର ପୁରସ୍କାର ଆଧ୍ୟାତ୍ମିକ ଓ ଶାରୀରୀକ ଅଟନ୍ତି । ଏହି ସମସ୍ତ ପୁରସ୍କାର ଶାରୀରୀକ ଏବଂ ଆଧ୍ୟାତ୍ମିକ ଅଟନ୍ତି । ଏହି ପୁରସ୍କାର ଅଲ୍ଲାଃତାଲା ପୁର୍ଣ୍ଣ ମହାମାନବକୁ ହିଁ ପ୍ରଦାନ କିରଥାଆନ୍ତି ପୁନଶ୍ଚ ପୂର୍ଣ୍ଣ ମାନବ ଦତ୍ତ ଆୟତ୍ ଅନୁଯାୟୀ । إِنَّ اللّٰهَ يَأْمُرُكُمْ أَنْ تُؤَدُّوا الْأَمٰنٰتِ إِلٰى أَهْلِهَا ଅନୁଯାୟୀ ସେହି ସମସ୍ତ ଅମାନତ୍‌କୁ ଈଶ୍ୱରଙ୍କୁ ଫେରସ୍ତ କରି ଦେଇଥାଏ । ଅର୍ଥାତ୍ ସେ ଈଶ୍ୱରଙ୍କ ମଧ୍ୟରେ ନିଜକୁ ହଜାଇ ଦେଇ ତାହାଙ୍କ ମାର୍ଗରେ ନିଜକୁ ଉତ୍ସର୍ଗ କରି ଦେଇଥାଏ...... ଅର୍ଥାତ୍ ସେହି ଅମାନତ୍ ଯାହା ଅଲ୍ଲାଃତାଲା ଦେଇଥିଲେ ସେହି ବ୍ୟକ୍ତି ଅଲ୍ଲାଃତାଲାଙ୍କ ଆଦେଶାବଳୀ ଉପରେ ପରିଚାଳିତ ହୋଇ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ବା ତାହାଙ୍କ ଅନୁଗ୍ରହତାକୁ ପ୍ରାପ୍ତ କରିବା ନିମନ୍ତେ ନିଜର ସକଳ ସାମର୍ଥ୍ୟକୁ ବିନିଯୋଗ କରି ଦେଇଥାଆନ୍ତି । ସେହି ଅମାନତ୍‌ର କର୍ତ୍ତବ୍ୟ ଯେପରି ନିର୍ବାହ ହୋଇପାରିବି ଏବଂ ଅଲ୍ଲାଃତାଲାଙ୍କ ପ୍ରେମ ଏବଂ ଅନୁରାଗ ଅଧିକରୁ ଅଧିକ ପ୍ରାପ୍ତ ହେବ ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ଅତଏବ୍ ଏ ହେଉଛି ସେହି ଅମାନତ୍‌ର ସର୍ବୋଚ୍ଚ ମର୍ଯ୍ୟାଦା ଯାହା ଅଲ୍ଲାଃତାଲାଙ୍କ ପ୍ରେମର ନିଜକୁ ନିଃଶେଷ କରି ଆପଣ ସ.ଅ ସମ୍ପାଦିତ କରିଥିଲେ । ଏହାର ବ୍ୟାଖ୍ୟା କରି ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଏହି ସର୍ବୋଚ୍ଚ ଏବଂ ସଂପୂର୍ଣ୍ଣ ଏବଂ ପୂର୍ଣ୍ଣାଙ୍ଗ ବୈଶିଷ୍ଟ୍ୟତା ଆମମାନଙ୍କର ପ୍ରିୟାବତାର, ପ୍ରିୟ ନିରକ୍ଷର ମୁନିବ, ସତ୍ୟବାଦୀ, ପୁଷ୍ଟିକର୍ତ୍ତା ମୁହମ୍ମଦ୍ ସ.ଅଙ୍କ ମଧ୍ୟରେ ହିଁ ଦେଖିବାକୁ ମିଳିଥିଲା । ଯେପିରିକି ଅଲ୍ଲାଃତାଲା ସ୍ୱୟଂ ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: " قُلْ إِنَّ صَلَاتِي وَنُسُكِي وَمَحْيَايَ وَمَمَاتِي لِلّٰهِ رَبِّ الْعٰلَمِينَ ۔ لَا شَرِيكَ لَهٗ وَبِذٰلِكَ أُمِرْتُ وَأَنَا أَوَّلُ الْمُسْلِمِينَ- **(ଅଲ୍ ଅନଆମ୍: 163)** ଅର୍ଥାତ୍ ତୁମ୍ଭେ ସେମାନଙ୍କୁ କୁହ ଯେ, ଆମ୍ଭର ନମାଜ୍, ଆମ୍ଭର ତ୍ୟାଗ ତଥା ଆମ୍ଭର ଜୀବନ ଓ ମରଣ ସକଳ ଜଗତର ପାଳନକର୍ତ୍ତା ଅଲ୍ଲାଃଙ୍କ ପାଇଁ ଉଦ୍ଦିଷ୍ଟ ଅଟେ । ଅଲ୍ଲାଃତାଲାଲା ପୁନଶ୍ଚ କୁହନ୍ତି: وَأَنَّ هٰذَا صِرَاطِي مُسْتَقِيمًا فَاتَّبِعُوهُ وَلَا تَتَّبِعُوا السُّبُلَ فَتَفَرَّقَ بِكُمْ عَنْ سَبِيلِهٖ ذٰلِكُمْ وَصّٰكُمْ بِهٖ لَعَلَّكُمْ

---

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

---

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

تَتَّقُوْنَ **(ଅଲ୍ ଅନଆମ୍: 154)** ଏବଂ ବାସ୍ତବିକ ଏହା ହିଁ ଆମ୍ଭର ସରଳପଥ ସୁତରାଂ ଏହାକୁ ଅନୁସରଣ କର ଏବଂ ଭିନ୍ନ ପଥକୁ ଅନୁସରଣ କର ନାହିଁ । ନଚେତ୍ ସେମାନେ ତୁମ୍ଭମାନଙ୍କୁ ତାହାଙ୍କ ପଥରୁ ବିଚ୍ୟୁତ କରିବେ । ସେ ତୁମମାନଙ୍କୁ ଏ ବିଷୟରେ ଏଥି ସକାଶେ ଆକଟ କରୁଛନ୍ତି ଯେପରିକି ତୁମ୍ଭେମାନେ ଧର୍ମପରାୟଣ ହେବ । ସେହିପରି ଅନ୍ୟ ଏକ ଆୟତ୍‌ରେ ଅଲ୍ଲାଃତାଲା ପୁନଶ୍ଚ କୁହନ୍ତି: قُلْ إِنْ كُنْتُمْ تُحِبُّوْنَ اللّٰهَ فَاتَّبِعُوْنِيْ يُحْبِبْكُمُ اللّٰهُ وَيَغْفِرْ لَكُمْ ذُنُوْبَكُمْ وَاللّٰهُ غَفُوْرٌ رَّحِيْمٌ **(ଆଲେ ଇମ୍ରାନ୍: 32)** ଅର୍ଥାତ୍ ତୁମ୍ଭେ କୁହ ଯେ, ହେ ଲୋକମାନେ ! ଯଦି ତୁମେମାନେ ଅଲ୍ଲାଃତାଲାଙ୍କୁ ପ୍ରେମ କୁରଥାଅ ତେବେ ତୁମେମାନେ ମୋତେ (ଅର୍ଥାତ୍ ଆଁହଜରତ୍ ସ.ଅଙ୍କୁ) ଅନୁସରଣ କର । ତାହାହେଲେ ଅଲ୍ଲାଃ ତୁମମାନଙ୍କୁ ପ୍ରେମ କରିବେ ଏବଂ ତୁମମାନଙ୍କର ଦୋଷ ଦୁର୍ବଳତାକୁ କ୍ଷମା କରିବେ ଏବଂ ଅଲ୍ଲାଃତାଲା ଅତ୍ୟନ୍ତ କ୍ଷମାଶାଳୀ ଓ ସଦା କରୁଣାମୟ। ଅଲ୍ଲାଃତାଲା ପୁନଶ୍ଚ କୁହନ୍ତି: "فَقُلْ أَسْلَمْتُ وَجْهِيَ لِلّٰهِ وَأُمِرْتُ أَنْ أُسْلِمَ لِرَبِّ الْعٰلَمِيْنَ

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଆୟତ୍‌ରେ ସେହି ଅବୋଧ ଏକେଶ୍ୱରବାଦୀମାନଙ୍କର ଖଣ୍ଡନ ରହିଛି । କାରଣ ସେମାନେ ଏହି ଧର୍ମମତ ପୋଷଣ କରନ୍ତି ଯେ, ଆମ ପ୍ରିୟାବତାରଙ୍କ ମର୍ଯ୍ୟାଦା ଅନ୍ୟ ଅବତାରମାନଙ୍କ ଉପରେ ଆଦୌ ସିଦ୍ଧ ନୁହେଁ ଏବଂ ସେମାନେ ଦୁର୍ବଳ ହଦିସ୍ ଉପସ୍ଥାପିତ କରି କୁହନ୍ତି ଯେ, ଆଁହଜରତ୍ ସ.ଅ ଉକ୍ତ କଥାରୁ ବାରଣ କରିଛନ୍ତ ମୋତେ ୟୁନୁସ୍ ବିନ୍ ମତାଙ୍କ ସହିତ ସର୍ବାଧିକ ପ୍ରାଧାନ୍ୟ ଦିଆ ନଯାଉ । ଏହି ଅବୋଧମାନେ ଏହା ବୁଝନ୍ତି ନାହିଁ ଯେ, ଯଦି ସେହି ହଦିସ ସଠିକ୍ ବି ହୁଏ ତେବେ ମଧ୍ୟ ତାହା ବିନୀତ ଏବଂ ବିନମ୍ରତା ଅଟେ ଯାହା ସର୍ବଦା ଆମର ପ୍ରିୟ ମୁନିବ ସ.ଅଙ୍କର ଅଭ୍ୟାସ ଥିଲା । ପ୍ରତ୍ୟେକ କଥାର ଏକ ଅବସର ଏବଂ ସ୍ଥାନ, କାଳ, ପାତ୍ର ହୋଇଥାଏ ଯେ, ଯଦି କୌଣସି ସାଧୁ ବ୍ୟକ୍ତି ନିଜ ପତ୍ରରେ (Letter) ଅଲ୍ଲାଃତାଲାଙ୍କ ବିନୀତ ଭକ୍ତ ବୋଲି ଉଲ୍ଲେଖ କରେ ତେବେ ତହିଁରୁ ଏହି ପରିଣାମ ବାହାର କରିବା କି ଏହି ବ୍ୟକ୍ତି ବାସ୍ତବରେ ସକଳ ସଂସାର ଏପର୍ଯ୍ୟନ୍ତକି ପିତୁଳା ଉପାସକ ଏବଂ ସମସ୍ତ ପାପୀମାନଙ୍କ ଅପେକ୍ଷା ନିକୃଷ୍ଟତମ ଅଟେ ଏବଂ ସେ ସ୍ୱୟଂ ସ୍ୱୀକାରୋକ୍ତି ପ୍ରକାଶ କରିଥାଏ ଯେ, ସେ ଅଲ୍ଲାଃତାଲାଙ୍କର ବିନୀତ ଭକ୍ତ ଅଟେ। ଏହା କିପରିକା ଅବୋଧତା ଏବଂ ଆତ୍ମିକ ଉପଦ୍ରବ ଅଟେ ?

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଧ୍ୟାନପୂର୍ବକ ଦେଖିବା ଉଚିତ୍ ଯେ, ଯେଉଁ ଅବସ୍ଥାରେ ଅଲ୍ଲାଃତାଲା ଆଁହଜରତ୍ ସ.ଅଙ୍କ ନାମ ଅୱଲୁଲ୍ ମୁସ୍‌ଲିମିନ୍ ବୋଲି ଉଲ୍ଲେଖ କରିଛନ୍ତି। ସର୍ବ ପ୍ରଥମେ ଆଁହଜରତ୍ ସ.ଅଙ୍କୁ ଅମାନତ୍ ଫେରସ୍ତକାରୀ ବ୍ୟକ୍ତି ରୂପେ ବିବେଚତି କରିଥାଆନ୍ତି । ତେବେ ଏହା ପରେ ପବିତ୍ର କୁରଆନ୍ କରୀମ୍‌ର ଅନୁଗାମୀମାନଙ୍କୁ ଆଉ କୌଣସି ସନ୍ଦେହ ରହିଛି ଯେ, ଆଁହଜରତ୍ ସ.ଅଙ୍କ ସର୍ବୋଚ୍ଚ ମର୍ଯ୍ୟାଦାରେ କୌଣସି ପ୍ରକାରର ସନ୍ଦେହର ଅବକାଶ ରହିଛି, ସେମାନେ କିପିର ଆପଣ ସ.ଅଙ୍କୁ ଦୋଷାରପଣ କରିପାରିବେ ? ଅଲ୍ଲାଃତାଲା ଚର୍ଚ୍ଚିତ ଆୟତ୍‌ରେ ଇସ୍‌ଲାମ୍ ଧର୍ମ ନିମନ୍ତେ ଅନେକ ସ୍ତର ରଖିଛନ୍ତି । ସମସ୍ତ ସ୍ତର ଅପେକ୍ଷା ସେହି ସ୍ତରକୁ ସର୍ବୋଚ୍ଚ ସ୍ତର ବୋଲି ବିବେଚିତ କରିଛନ୍ତି ଯାହା ଆଁହଜରତ୍ ସ.ଅଙ୍କ ଚରିତ୍ର ସ୍ୱଭାବ ସୁଲଭ ଅଟେ । ଅତଏବ୍ ଅଲ୍ଲାଃତାଲା ସେହି ସ୍ତର ଆପଣ ସ.ଅଙ୍କୁ ପ୍ରଦାନ କଲେ । **(ଆଇନା କମାଲାତେ ଇସ୍‌ଲାମ୍, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-5, ପୃ-160-165)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ୍ ସ.ଅଙ୍କ ପଦ ଏବଂ ମର୍ଯ୍ୟାଦାର ସେହି ସର୍ବୋଚ୍ଚ ପ୍ରକାରର ଅବବୋଧ ଅଲ୍ଲାଃତାଲା ହ. ମସିହ୍ ମଉଦ୍ ଅ.ସଙ୍କୁ ପ୍ରଦାନ କଲେ ଏବଂ ଆପଣ ଅ.ସ ଆମମାନଙ୍କ ନିମନ୍ତେ ମଧ୍ୟ ତାହା ବର୍ଣ୍ଣନା କରିଛନ୍ତି । ଏହା ସତ୍ତ୍ୱେ ଆମମାନଙ୍କର ବିରୋଧୀମାନେ ଆମମାନଙ୍କୁ କୁହନ୍ତି ଯେ, **ନାଉଜୁବିଲ୍ଲାଃ** ଆମେମାନେ ଆଁହଜରତ୍ ସ.ଅଙ୍କ ମର୍ଯ୍ୟାଦାକୁ କ୍ଷୁର୍ଣ୍ଣ କରିଛୁ ଏବଂ ହ. ମସିହ୍ ମଉଦ୍ ଅ.ସଙ୍କୁ ଉଚ୍ଚ ମର୍ଯ୍ୟାଦା ପ୍ରଦାନ କରୁ । ନା । ଏହା ସଂପୂର୍ଣ୍ଣ ମିଥ୍ୟା ଅଟେ । ଅଲ୍ଲାଃତାଲା ବିରୋଧୀମାନଙ୍କର ସେହି ଉପଦ୍ରବରୁ ପ୍ରତ୍ୟେକ ଅମଦିକୁ ରକ୍ଷା କରନ୍ତୁ । **ଆମିନ୍** ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ସ୍ଥାନରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି ଯେ, "ମୁଁ ସର୍ବଦା ଆଶ୍ଚର୍ଯ୍ୟ ଦୃଷ୍ଟିରେ ଦେଖିଥାଏ ଯେ, ଏହି ଆରବ୍ୟ ମହାବତାର ଯାହାଙ୍କ ନାମ ମୁହମ୍ମଦ୍ ସ.ଅ ଅଟେ (ତାହାଙ୍କ ଉପରେ ସହସ୍ର ସହସ୍ର ଶାନ୍ତି ଅବତୀର୍ଣ୍ଣ ହେଉ ଓ ଚିର ନମସ୍କାର) । ଆପଣ କେଡ଼େ ଉଚ୍ଚ ମର୍ଯ୍ୟାଦାର ଅଧିକାରୀ ଏବଂ ଉଚ୍ଚ ପଦମର୍ଯ୍ୟାଦାଯୁକ୍ତ ଅବତାର ଅଟନ୍ତି ? ଆପଣ ସ.ଅଙ୍କ ସର୍ବୋଚ୍ଚ ମର୍ଯ୍ୟାଦାରା କୌଣସି ସୀମା ଜଣାପଡୁ ନାହିଁ କି ସର୍ବୋଚ୍ଚ ମର୍ଯ୍ୟାଦାର ଆକଳନ କରାଯାଇ ପାରିବ ନାହିଁ । ଆପଣ ସ.ଅଙ୍କ ଈଶ୍ୱରର ଦତ୍ତ ଐଶୀ ଶକ୍ତିର ଆକଳନ କରିବା ମନୁଷ୍ୟର କାର୍ଯ୍ୟ ନୁହେଁ । ବଡ଼ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ଆପଣ ସ.ଅଙ୍କ ମର୍ଯ୍ୟାଦାକୁ ଯେପରି ଚିହ୍ନିବା କଥା ସେପରି ଚିହ୍ନାଗଲା ନାହିଁ । ଯେଉଁ ଏକେଶ୍ୱବାଦ ଭୂପୃଷ୍ଠରୁ ନିଶ୍ଚିହ୍ନ ହୋଇଯାଇଥିଲା, ସେହି ଏକେଶ୍ୱରବାଦକୁ ସେହି ଜଣେ ପହିଲମାନ ପୁନଃ ଧରାପୃଷ୍ଠକୁ ଫେରାଇ ଆଣିଲେ । ସେହି ମହାବତାର ତଥା ମହାମାନ୍ୟ ଈଶ୍ୱରଙ୍କୁ ଅସୀମ ପ୍ରେମ କଲେ ଏବଂ ଅସୀମ ସହାନୁଭୂତି ଆପଣ ସ.ଅ ମାନବଜାତି ପ୍ରତି ପ୍ରଦର୍ଶନ କଲେ। ଏହି ଈଶ୍ୱର ପ୍ରେମ ଓ ମାାନବଜାତି ପ୍ରତି ସହାନୁଭୂତି ପ୍ରଦର୍ଶନରେ ହିଁ ଆପଣ ସ.ଅଙ୍କ ପ୍ରାଣବାୟୁ ଉଡ଼ିଗଲା । ତେଣୁ ଈଶ୍ୱର ଯିଏ ଅନ୍ତର୍ଯାମୀ ଅଟନ୍ତି ସେ ମୁହମ୍ମଦ୍ ସ.ଅଙ୍କ ହୃଦୟରେ ଥିବା ସମସ୍ତ କଥା ସହିତ ଅବଗତ ଥିଲେ, ସେ ଆପଣ ସ.ଅଙ୍କୁ ସମସ୍ତ ଅବତାର ଏବଂ ସମସ୍ତ ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ ଅବତାରମାନଙ୍କ ଉପରେ ଶ୍ରେଷ୍ଠତା ପ୍ରଦାନ କଲେ ଓ ଆପଣ ସ.ଅଙ୍କ ଆଶା ଅଭିଳାଷା, ଆକାଂକ୍ଷା ଓ ମନସ୍କାମନାକୁ ଆପଣ ସ.ଅଙ୍କ ଜୀବନରେ ହିଁ ପୂରଣ କଲେ । ଆଁହଜରତ୍ ସ.ଅ ହିଁ ସେହି ଅବତାର ଅଟନ୍ତି ଯିଏ ପ୍ରତ୍ୟେକ କଲ୍ୟାଣର ନିର୍ଝର (ଝରଣା) ଅଟନ୍ତି । ଯେଉଁ ବ୍ୟକ୍ତି ଆଁହଜରତ୍ ସ.ଅଙ୍କ କଲ୍ୟାଣର ସ୍ୱୀକାରୋକ୍ତି ପ୍ରକାଶ ନକରି କୌଣସି ଶ୍ରେଷ୍ଠତାର ଦାବି କରେ ତେବେ ସେହି ବ୍ୟକ୍ତି ମନୁଷ୍ୟ ନୁହେଁ ବରଂ ସୈତାନର ସନ୍ତାନ ଅଟେ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣ ଅ.ସ କହିଲେ, "ପ୍ରତ୍ୟେକ ଶ୍ରେଷ୍ଠତ୍ୱ, ପ୍ରାଧାନ୍ୟତ୍ୱ ଓ ଅଧ୍ୟାତ୍ମ୍ୟର କୁଞ୍ଜିକା (ଚାବି) ତାଙ୍କୁ (ମୁିହମ୍ମଦ୍ ସ.ଅଙ୍କୁ) ପ୍ରଦାନ କରାଯାଇଛି। ଯେଉଁ ବ୍ୟକ୍ତି ତାହାଙ୍କ (ଆଁହଜରତ୍ ସ.ଅଙ୍କ) ମାଧ୍ୟମରେ କିଛି ପ୍ରାପ୍ତ କରିପାରେ ନାହିଁ ତେବେ ସେହି ବ୍ୟକ୍ତି ସବୁଦିନ ପାଇଁ ବଞ୍ଚିତ ହୋଇ ରହିବ । ଆମେମାନେ କ'ଣ ଅଟୁ ଏବଂ ଆମମାନଙ୍କ ବାସ୍ତବତା କ'ଣ ? । ଯେପର୍ଯ୍ୟନ୍ତ ଆମେମାନେ ଉକ୍ତ କଥାର ସ୍ୱୀକାରୋକ୍ତି ପ୍ରକାଶ କରି ନଦେଉଛୁ ଯେ, ଆମେମାନେ ପ୍ରକୃତ ଏକେଶ୍ୱରବାଦ ସେହି ମହାବତାରଙ୍କ ମାଧ୍ୟମରେ ହିଁ ପ୍ରାପ୍ତ କରିଛୁ ସେପର୍ଯ୍ୟନ୍ତ ଆମେମାନେ ପୁରସ୍କାରର ପ୍ରତ୍ୟାଖ୍ୟାନାକାରୀ (କୃତଘ୍ନ) ହେବୁ । କାରଣ ପ୍ରକୃତ ଏକେଶ୍ୱରବାଦ ଆମେମାନେ ସେହି ମହାବତାରଙ୍କ ମାଧ୍ୟମରେ ହିଁ ପ୍ରକାପ୍ତ କରିଛୁ, ଜୀବନ୍ତ ଈଶ୍ୱରଙ୍କ ପରିଚୟ ଆମମାନଙ୍କୁ ସେହି ପୂର୍ଣ୍ଣାବତାରଙ୍କ ମାଧ୍ୟମରେ ଏବଂ ତାହାଙ୍କ ଆଲୋକ ଦ୍ୱାରା ହିଁ ମିଳିଛି । ଈଶ୍ୱରଙ୍କର ସେହି କଥୋପକଥନ, ସମ୍ବୋଧନର ସମ୍ମାନ ଯଦ୍ଦ୍ୱାରା ତାହାଙ୍କ ମୁଖମଣ୍ଡଳକୁ ଆମେମାନେ ଦର୍ଶନ କରିଥାଉ, ସେହି ମହାବତାରଙ୍କ ମାଧ୍ୟମରେ ହିଁ ଆମମାନଙ୍କୁ ପ୍ରାପ୍ତ ହୋଇଛି । ସେହି ସତ୍ୟାତ୍ମକମୂଳକ ମାର୍ଗଦର୍ଶନର ସୂର୍ଯ୍ୟ ଆଲୋକ ପରି ଆମମାନଙ୍କ ଉପରେ ପଡ଼ିଥାଏ ଏବଂ ଯେପର୍ଯ୍ୟନ୍ତ ଆମେମାନେ ସେହି ସୂର୍ଯ୍ୟଙ୍କ ସମ୍ମୁଖରେ ଛିଡ଼ା ହୋଇଥିବୁ ସେପର୍ଯ୍ୟନ୍ତ ଆମେମାନେ ସେହି ସୂର୍ଯ୍ୟ ରଶ୍ମୀରୁ ଆଲୋକିତ ହେଉଥିବୁ । ସେହି ଲୋକମାନେ ଯେଉଁମାନେ ଉକ୍ତ ଭ୍ରମାତ୍ମକ ଧାରଣା ଉପରେ ତିଷ୍ଠି (ଅଟଳ) ରହିଛନ୍ତି ଯେ, ଯେଉଁ ବ୍ୟକ୍ତି ଆଁହଜରତ୍ ସ.ଅଙ୍କ ଉପରେ ବିଶ୍ୱାସ ନଆଣେ କିମ୍ବା ଧର୍ମଦ୍ରୋହୀ ପାଲଟି ଯାଏ ଏବଂ ସେ ଏକେଶ୍ୱରବାଦ ଉପରେ ନିଜକୁ ଅବିଚଳ ବୋଲି ମନେକରେ ଏବଂ ଈଶ୍ୱରଙ୍କୁ ଏକ ଓ ଅଦ୍ୱିତୀୟ ବୋଲି ମନେକରେ ତେବେ ସେହି ବ୍ୟକ୍ତି ମୋକ୍ଷ ପ୍ରାପ୍ତ କରିବ । ସେହିପରି କୌଣସି ବ୍ୟକ୍ତି ଯଦି ବିଶ୍ୱାସ ନଆଣେ କିମ୍ବା ଇସ୍‌ଲାମ୍ ଧର୍ମରୁ ଓହରିଯାଏ ତେବେ ଇସଲାମ୍ ଧର୍ମର କିଛି ବିଗିଡ଼ିବ ନାହିଁ ବରଂ ସେହି ବ୍ୟକ୍ତିର ବିଗଡ଼ିବ । ବରଂ ଏପରି ବ୍ୟକ୍ତିମାନେ ବାସ୍ତବରେ ଏକେଶ୍ୱରବାଦର ବାସ୍ତବତା ଠାରୁ ଅବଗତ ନୁହନ୍ତି.......କିନ୍ତୁ କେବଳ ଈଶ୍ୱରଙ୍କୁ ଏକ ବୋଲି ମନେକରିବା ଦ୍ୱାରା ମୋକ୍ଷା ପ୍ରାପ୍ତ ହୋଇପାରିବ ନାହିଁ । ବରଂ ମୁକ୍ତି ବା ମୋକ୍ଷ ପ୍ରାପ୍ତି ଦୁଇଟି ପ୍ରସଙ୍ଗ ଉପରେ ନିର୍ଭ କରେ, ଯଥା (1) ପୂର୍ଣ୍ଣ ବିଶ୍ୱାସର ସହିତ ଈଶ୍ୱରଙ୍କ ଅସ୍ତିତ୍ୱ ଏବଂ ଏକେଶ୍ୱରବାଦ ଉପରେ ବିଶ୍ୱାସ ଆଣିବା । (2) ଈଶ୍ୱରଙ୍କ ଏପରି ପୂର୍ଣ୍ଣ ପ୍ରେମ ଯାହା ଭକ୍ତ ହୃଦୟ ମଧ୍ୟରେ ଆସନ୍ନିତ ହେବା ଉଚିତ୍ । ଯେପରିକି ଈଶ୍ୱରଙ୍କ ଆଜ୍ଞା ପାଳନ କରିବା ଦ୍ୱାରା ଯେପରି ଆଶ୍ୱସ୍ତି ପ୍ରାପ୍ତ ହୋଇଥାଏ ଠିକ୍ ସେହିପରି ଈଶ୍ୱରଙ୍କ ପ୍ରେମ ଦ୍ୱାରା ସଫଳତା ଏବଂ ବିଜୟ ପ୍ରାପ୍ତ ମଧ୍ୟ ହୋଇଥାଏ । ଏହାକୁ ବାଦ୍‌ଦେଲେ ମନୁଷ୍ୟ ବଞ୍ଚି ପାରିବ ନାହିଁ ଓ ତାହାଙ୍କ ପ୍ରେମ ଅନ୍ୟ ସମସ୍ତ ବସ୍ତୁ, ପିତୁଳାର ପ୍ରେମକୁ ଖଣ୍ଡ ବିଖଣ୍ଡିତ ଓ ନିଶ୍ଚିହ୍ନ କରିଦେବ ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ହିଁ ସେହି ପ୍ରକୃତ ଏକେଶ୍ୱରବାଦ ଯେଉଁ ଏକେଶ୍ୱରବାଦ ଆମମାନଙ୍କର ପ୍ରିୟ ମୁନିବ ହ. ମୁହମ୍ମଦ ସ.ଅଙ୍କ ବ୍ୟତୀରେକ କଦାପି ପ୍ରାପ୍ତ ହୋଇପାରିବ ନାହିଁ । କାହିଁକି ହୋଇପାରିବ ନାହିଁ ? ଏହାର ଉତ୍ତର ଏହିକି ଯେ, ଈଶ୍ୱରଙ୍କ ଅସ୍ତିତ୍ୱ ଅଦୃଷ୍ଟରୁ ଆଦୃଷ୍ଟତର ଏବଂ ପଛକୁ ପଛକୁ ଅତ୍ୟନ୍ତ ଗୁପ୍ତ ଓ ଲୁକ୍କାୟିତ ବୋଲି ଅବସ୍ଥିତ । ଏହାକୁ ଅର୍ଥାତ୍ ଈଶ୍ୱରଙ୍କୁ ମନୁଷ୍ୟର ବୁଦ୍ଧି କେବଳ ନିଜର ଶକ୍ତି ମାଧ୍ୟମରେ ଆବିଷ୍କାର କରି ପାରିବ ନାହିଁ । କୌଣସି ବୌଦ୍ଧିକ ପୂର୍ଣ୍ଣ ପ୍ରାମାଣ୍ୟ ତାହାଙ୍କ ଅସ୍ତିତ୍ୱର ଦୃଢ ତଥା ବଳିଷ୍ଠ ପ୍ରମାଣ ହୋଇପାରିବ ।ନହିଁ । କାରଣ ବୁଦ୍ଧିର ଗତି କେବଳ ସେହି ପର୍ଯ୍ୟନ୍ତ ହିଁ ସୀମିତ ଅଟେ । ଅର୍ଥାତ୍ ଯଦି ଏହି ସଂସାର ଜଗତ ଅର୍ଥାତ୍ ନିର୍ମିତ ବସ୍ତୁ ଉପରେ ଯେତେବେଳେ ଦୃଷ୍ଟିପାତ କରାଯାଏ ତେବେ ଜଣେ ନିର୍ମାତାଙ୍କର

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُوْنِ

(ଅଜ୍ ଜାରିୟାତ୍: 57)

**ଅନୁବାଦ୍: ଏବଂ ଆମ୍ଭେ ଜିନ୍ନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।**

ତାଲିବେ ଦୁଆ: Akhtara Begum & Family,
B.D.A, Bhubaneshwar (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَإِنَّ الذِّكْرٰى تَنْفَعُ الْمُؤْمِنِيْنَ

(ଅଜ୍ ଜାରିୟାତ୍: 56)

**ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ- ଲାଭ ଦେଇଥାଏ ।**

ତାଲିବେ ଦୁଆ:Shamim Ahmad, S/o- Late Sk Abdul Gaffar &
Jamila Sahiba, Jamat Ahmadiya Kotpalla (Odisha)

ଆବଶ୍ୟକତା ପଡ଼ିଥାଏ । କିନ୍ତୁ ଆବଶ୍ୟକତାକୁ ଅନୁଭୂତ କରିବା ଅନ୍ୟ ଏକ ପ୍ରସଙ୍ଗ ଅଟେ । ସେହି ସ୍ତରର ବିଶ୍ୱାସ ପର୍ଯ୍ୟନ୍ତ ପହଞ୍ଚିବା ଯେ, ଯେଉଁ ଈଶ୍ୱରଙ୍କ ଆବଶ୍ୟକତାକୁ ସ୍ୱୀକାର କରାଯାଇଛି ସେ ବାସ୍ତବରେ ବିଦ୍ୟମାନ ଅଛନ୍ତି ଏହା ଅନ୍ୟ ଏକ ପ୍ରସଙ୍ଗ ଅଟେ । ମନୁଷ୍ୟ ନିଜର ବୁଦ୍ଧି ବଳରେ ହିଁ ଜାଣି ପାରିବ ଓ ଆକଳନ କରି ପାରିବ ଯେ, ଈଶ୍ୱର ଅଛନ୍ତି । ଅର୍ଥାତ୍ ଯେପରି ମୁଁ କୁହେ ଯେ, ଈଶ୍ୱର ଅଛନ୍ତି ଠିକ୍ ସେହିପରି ମୋ ପରି ଅନେକ ଲୋକମାନେ ଅଛନ୍ତି ଯେଉଁମାନେ କୁହନ୍ତି ଯେ, ଈଶ୍ୱର ସର୍ବତ୍ର ବିଦ୍ୟମାନ ଅଟନ୍ତି । କିନ୍ତୁ ସେହି ଲୋକମାନଙ୍କୁ ଜଣା ନାହିଁ ଯେ, ସେ କେଉଁଠି ଅଛନ୍ତି ଏବଂ ସେ କିଏ ? ଯେହେତୁ ବୁଦ୍ଧିର ପନ୍ଥା ଖୁଣ ଏବଂ ତ୍ରୁଟିପୂର୍ଣ୍ଣ ଏବଂ ଅସଂପୂର୍ଣ୍ଣ ଓ ସଂଶୟଯୁକ୍ତ ଅଟେ । ତେଣୁ ପ୍ରତ୍ୟେକ ଦାର୍ଶନିକ ବ୍ୟକ୍ତି କେବଳ ବୁଦ୍ଧି ଦ୍ୱାରା ଈଶ୍ୱରଙ୍କୁ ଚିହ୍ନି ପାରିବ ନାହିଁ । ବରଂ ଅନେକ ଲୋକମାନେ ଏପରି ଅଛନ୍ତି ଯେଉଁମାନେ ବୁଦ୍ଧି ବଳରେ ଈଶ୍ୱରଙ୍କ ଠିକଣା (ପରିଚୟ) ଜାଣିବାକୁ ଚାହିଁ ଥାଆନ୍ତି, ପରିଶେଷରେ ସେହି ଲୋକମାନେ ହିଁ ନାସ୍ତିକବାଦୀ ହୋଇଯାଆନ୍ତି । ସେହି ନାସ୍ତିକବାଦୀ ଲୋକମାନଙ୍କୁ ଭୂପୃଷ୍ଠସ୍ଥ ନିର୍ମିତ ବସ୍ତୁ ଏବଂ ଆକାଶ ଉପରେ ବିଚାର କରିବା କୌଣସି ଲାଭ ଦେଇ ପାରିବ ନାହିଁ ଏବଂ ଈଶ୍ୱରଙ୍କ ପୂର୍ଣ୍ଣାବତାରମାନଙ୍କ ପ୍ରତି ଉପହାସ ଏବଂ ସେମାନଙ୍କ ପ୍ରତି ହାସ୍ୟ ପ୍ରଦର୍ଶନ କରିଥାଆନ୍ତି । ସେମାନେଙ୍କର ପ୍ରମାଣ ଏହା ଯେ, ସଂସାରରେ ସହସ୍ର ସହସ୍ର ଏପରି ଜିନିଷ ଦେଖିବାକୁ ମିଳେ ଯାହାର ଅସ୍ତିତ୍ୱ ଆମମାନଙ୍କୁ କୌଣସି ଲାଭ ଦେଇ ନଥାଏ । ସେହିସବୁ ବସ୍ତୁରେ ସେମାନଙ୍କୁ କୌଣସି ଲାଭ ଦୃଶ୍ୟମାନ ହୋଇ ନଥାଏ । ଯେଁଉ ପ୍ରସଙ୍ଗରେ ଆମମାନଙ୍କର ବୌଦ୍ଧିକ ଗବେଷଣା ତଥା ଅନ୍ୱେଷଣ ଦ୍ୱାରା ଏପରି କୌଣସି ନିର୍ମାଣ ସାବ୍ୟସ୍ତ ହୋଇଯାଇ ନାହିଁ ଯେ, ତାହା ନିର୍ମାତାଙ୍କୁ ସାବ୍ୟସ୍ତ କରିଦେବ । ସେମାନେ ବୁଦ୍ଧି ଦ୍ୱାରା ଯଦି ଚିନ୍ତା କରନ୍ତି ତେବେ କେତେକ ବସ୍ତୁ ସେମାନଙ୍କୁ ଦୃଶ୍ୟମାନ ହୁଏ ନାହିଁ । ସେହି ବସ୍ତୁର କୌଣସି ବୌଦ୍ଧିକ ପ୍ରାମାଣ୍ୟ ନାହିଁ ଯେ, ସେହି ବସ୍ତୁଗୁଡ଼ିକ କାହିଁକି ଉପସ୍ଥିତ ଏବଂ ବିଦ୍ୟମାନ ରହିଛନ୍ତି ? ବରଂ କେବଳ ବାଯ୍ୟ ଏବଂ ମିଥ୍ୟାମୂକ ରୂପେ ସେହି ବସ୍ତୁମାନଙ୍କର ଅସ୍ତିତ୍ୱର ସନ୍ଧାନ ମିଳିଥାଏ । ସେହି ଲୋକମାନେ ଏହିପରି କହିଥାଆନ୍ତି । ବଡ଼ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ସେହି ଲୋକମାନେ ଜାଣନ୍ତି ନାହିଁ ଯେ, କୌଣସି ବସ୍ତୁ ସଂପର୍କରେ ଜ୍ଞାନ ବା ଧାରଣା ନହେବା ଦ୍ୱାରା ବସ୍ତୁର ଅନୁପସ୍ଥିତ ଅନିର୍ବାର୍ଯ୍ୟ ହୋଇ ନଥାଏ । ଯେଉଁ ବସ୍ତୁ ସଂପର୍କରେ କୌଣସି ଧାରଣା ନଥାଏ ତହିଁରୁ ଯଥାର୍ଥ ଏହା ନୁହେଁ ଯେ, ସେହି ବସ୍ତୁ ବିଦ୍ୟମାନ (ଉପସ୍ଥିତ) ନାହିଁ । ଏହି ପ୍ରକାରର ଲକ୍ଷାଧିକ ଲୋକମାନେ ସାଂପ୍ରତିକ କାଳରେ ଦେଖିବାକୁ ମିଳନ୍ତି ଏବଂ ବର୍ତ୍ତମାନ ତ' କୋଟି କୋଟି ଲୋକମାନେ ଏପରି ଅଟନ୍ତି ଯେଉଁମାନେ ନିଜକୁ ପ୍ରଥମ ସ୍ତରୀୟ ବୁଦ୍ଧିମାନ ଏବଂ ଦାର୍ଶନିକ ବ୍ୟକ୍ତି ବୋଲି ମନେକରନ୍ତି ଏବଂ ଈଶ୍ୱରଙ୍କ ଅସ୍ତିତ୍ୱକୁ ସେମାନେ ଅସ୍ୱୀକାର କରନ୍ତି । ବର୍ତ୍ତମାନ ଏହା ପ୍ରକାଶ୍ୟ ଓ ସ୍ପଷ୍ଟ ଯେ, ଯଦି ସେମାନଙ୍କୁ କୌଣସି ବଳିଷ୍ଠ ବୌଦ୍ଧିକପୂର୍ଣ୍ଣ ପ୍ରାମାଣ୍ୟ ସିଧା ସଳଖ ମିଳି ଯାଇଥାଆନ୍ତା ତେବେ ସେମାନେ ଈଶ୍ୱରଙ୍କ ଅସ୍ତିତ୍ୱକୁ ଅସ୍ୱୀକାର ତଥା ପ୍ରତ୍ୟାଖ୍ୟାନ କରି ନଥାଆନ୍ତେ । ସେହିପରି ଯଦି ଈଶ୍ୱରଙ୍କ ଅସ୍ତିତ୍ୱ ସଂପର୍କରେ କୌଣସି ସୁନିଶ୍ଚିତ ପ୍ରମାଣ ଏବଂ ବୌଦ୍ଧିକତାମୂଳକ ପ୍ରମାଣ ସେମାନଙ୍କୁ ଦୋଷୀ କରିଥାଆନ୍ତା ତେବେ ସେପରିପ୍ରେକ୍ଷୀରେ ସେମାନେ ଅତ୍ୟନ୍ତ ଭୟଙ୍କର ନିର୍ଲଜତା ଏବଂ ଥଟ୍ଟା ପରିହାସର ସହିତ ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରତ୍ୟାଖ୍ୟାନକାରୀ ହୋଇ ନଥାଆନ୍ତେ । ଅତଏବ୍ କୌଣସି ବ୍ୟକ୍ତି ଦାର୍ଶନିକମାନଙ୍କ ଭେଳା (ଡଙ୍ଗା)ରେ ବସି ସଂଶୟ ଓ ଦ୍ୱନ୍ଦର ଝଡ଼ରୁ ମୁକ୍ତି ପାଇପାରିବ ନାହିଁ । କେବଳ ଦାର୍ଶନିକମାନଙ୍କ ସହିତ ବସିଯାଅ କିମ୍ବା ସେମାନଙ୍କ ଧାରଣା ଅନୁଯାୟୀ ଅଗ୍ରଗାମୀ ହୁଅ ତେବେ ଏହା ହୋଇପାରିବ ନାହିଁ ଯେ, ତୁମେ ସନ୍ଦେହରୁ ମୁକ୍ତି ପାଇଯିବ । ଦାର୍ଶନିକମାନଙ୍କ ହୃଦୟରେ ସନ୍ଦେହର ଏକ ଝଡ଼ ରହିଛି ଯେଉଁ କାରଣରୁ ସେମାନେ ଅଲ୍ଲାଃତାଲାଙ୍କ ପ୍ରତ୍ୟାଖ୍ୟାନକାରୀ ହେଉଛନ୍ତି । କେବଳ ସେତିକି ନୁହେଁ ବରଂ ସେହି ବ୍ୟକ୍ତି ଅବଶ୍ୟ ବୁଡ଼ିବ ଏବଂ ସେହି ବ୍ୟକ୍ତିକୁ କଦାପି ଏକେଶ୍ୱରବାଦର ସରବତ୍ ମିଳିପାରିବ ନାହିଁ । ବର୍ତ୍ତମାନ ଚିନ୍ତା କର ଯେ, ଉକ୍ତ ଚିନ୍ତାଧାରାଟି କିପରି ଅସତ୍ୟ ଏବଂ ଦୁର୍ଗନ୍ଧଯୁକ୍ତ ଅଟେ ? ଅର୍ଥାତ୍ ଆଁହଜରତ୍ ସ.ଅଙ୍କ ସାହାଯ୍ୟ ବିନା ଏକେଶ୍ୱରବାଦ ପ୍ରାପ୍ତ ହୋଇପାରିବ ନାହିଁ । ଏହି ମହାବତାରଙ୍କ ଦ୍ୱାରା ହିଁ ମନୁଷ୍ୟ ମୋକ୍ଷ ପ୍ରାପ୍ତ କରିଥାଏ ।

ହୁଜୁର୍ ଅନୱର୍ ଅ.ବ କହିଲେ, ଅତଏବ୍ ଯଦି ଏକେଶ୍ୱବାଦ ସଂପର୍କରେ ଜାଣିବାକୁ ଚାହୁଁଛ, ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ସଂପର୍କରେ ଜାଣିବାକୁ ଚାହୁଁଛ ତେବେ ଆଁହଜରତ୍ ସ.ଅଙ୍କ ଶିକ୍ଷାକୁ ଗହ୍ୱରତା (ଗଭୀରତା) ମଧ୍ୟକୁ ଯାଇ ଦେଖିବାକୁ ହେବ ଓ ପବିତ୍ର କୁରଆନ୍ କରୀମ୍‌କୁ ବୁଝିବାକୁ ହେବ । ହେ ଅବୋଧ ! ଯେପର୍ଯ୍ୟନ୍ତ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ପୂର୍ଣ୍ଣ ବିଶ୍ୱାସ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ଏକେଶ୍ୱରବାଦ ଉପରେ କିପରି ବିଶ୍ୱାସ ହୋଇପାରିବ ? ତେଣୁ ନିଃସନ୍ଦେହ ରୂପେ ଏହା ଜାଣିନିଅ ଯେ, ନିସନ୍ଦେହାତ୍ମକ ଏକେଶ୍ୱରବାଦ କେବଳ ସେହି ମହାବତାର ମୁହମ୍ମଦ ସ.ଅଙ୍କ ଦ୍ୱାରା ହିଁ ପ୍ରାପ୍ତ ହୋଇପାରିବ । ଯେପରି ଆମର ପ୍ରିୟାବତାର୍ ହ. ମୁହମ୍ମଦ୍ ସ.ଅ ଆରବର ନାସ୍ତିକବାଦୀମାନଙ୍କୁ, ନାନା ଧର୍ମାବଲମ୍ବୀମାନଙ୍କୁ ସହସ୍ର ଆକାଶୀୟ ନିଦର୍ଶନ ଦେଖାଇ ଈଶ୍ୱରଙ୍କ ଅସ୍ତିତ୍ୱର କାଇଲ୍ (ସ୍ୱୀକାରୋକ୍ତି ପ୍ରକାଶକାରୀ) କରିଦେଲେ ଏବଂ ଏଯାବତ୍ ଆଁହଜରତ୍ ସ.ଅଙ୍କ ପ୍ରକୃତ ଏବଂ ପୂର୍ଣ୍ଣ ଆଜ୍ଞାବହତ୍ୱ ତଥା ଅନୁକରଣତ୍ୱ ପ୍ରଦର୍ଶନକାରୀମାନେ ସେହି ସବୁ ନିଦର୍ଶନଗୁଡ଼ିକୁ ନାସ୍ତିକବାଦୀମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଥାଆନ୍ତି । ହୁଜୁର୍ ଅନୱର୍ ଅ.ବ କହିଲେ, ଉକ୍ତ କଥାଟି ସତ୍ୟ ଯେ, ମନୁଷ୍ୟ ଯେପର୍ଯ୍ୟନ୍ତ ଜୀବନ୍ତ ଈଶ୍ୱରଙ୍କ ଶକ୍ତିକୁ ଅବଲୋକନ କରିନେଇ ନାହିଁ ସେପପର୍ଯ୍ୟନ୍ତ ସେହି ବ୍ୟକ୍ତିର ହୃଦୟରୁ ସୈତାନ୍ ବାହାରିବ ନାହିଁ, ସେପର୍ଯ୍ୟନ୍ତ ସେହି ବ୍ୟକ୍ତିର ହୃଦୟ ମଧ୍ୟରେ ପ୍ରକୃତ ଏକେଶ୍ୱରବାଦ ପ୍ରବିଷ୍ଟ ହୋଇପାରିବ ନାହିଁ ଓ ନା ହିଁ ବିଶ୍ୱାସିକ ରୂପେ ସେହି ବ୍ୟକ୍ତି ଈଶ୍ୱରଙ୍କ ଅସ୍ତିତ୍ୱର ପରିପ୍ରକାଶକ ହୋଇପାରିବ। ଏହି ପବିତ୍ର ଏବଂ ପୂର୍ଣ୍ଣ ଏକେଶ୍ୱରବାଦ ଆଁହଜରତ୍ ସ.ଅଙ୍କ ମାଧ୍ୟମରେ ହିଁ ପ୍ରାପ୍ତ ହୋଇପାରିବ । ସାଂପ୍ରାତିକ କାଳରେ ଏହି ଶିକ୍ଷାକୁ ଖୋଲି ମୁକ୍ତ ଭାବରେ ହ. ମସିହ୍ ମଉଦ୍ ଅ.ସ ବର୍ଣ୍ଣନା କରିଛନ୍ତି।

**(ହକିକତୁଲ୍ ୱହି, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-22, ପୃ-118-121)**

ହୁଜୁର୍ ଅନୱର୍ ଅ.ବ କହିଲେ, ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି: "ଆରବର ମରୁଭୂମିରେ ଏକ ବିଚିତ୍ର ତଥା ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲା । ଲକ୍ଷାଧିକ ମୃତ ବ୍ୟକ୍ତିମାନେ ସ୍ୱଳ୍ପ ଦିନରେ ହିଁ ଜୀବିତ ହୋଇଗଲେ ଏବଂ ପୁରୁଷ ପୁରୁଷ ଧରି ବିଗିଡ଼ି ଯାଇଥିବା ଲୋକମାନେ ଈଶ୍ୱରାଭିଳାଷୀ ହୋଇଗଲେ ଏବଂ ଅନ୍ଧମାନେ ଚକ୍ଷୁ ଶକ୍ତି ପ୍ରାପ୍ତ କରିନେଲେ ଓ ଗୁଙ୍ଗାମାନଙ୍କ ତୁଣ୍ଡରେ ଐଶୀ ଅଧ୍ୟାତ୍ମ୍ ନିଃସୃତ (ପ୍ରବାହିତ) ହେବାକୁ ଲାଗିଲା । ସଂସାରରେ ସହସା ଏପରି ଏକ ବିପ୍ଳବ ସୃଷ୍ଟି ହୋଇଗଲେ ଯେ, ଏହି ବିପ୍ଳବକୁ ନା କୌଣସି ବ୍ୟକ୍ତି ସ୍ୱଚକ୍ଷୁରେ ଦେଖିଲା ଓ ନା ହିଁ କୌଣସି କାନ ଶୁଣିଲା। ସେମାନେ କିଛି ଜାଣନ୍ତେ ଯେ, ତାହା କ'ଣ ଥିଲା ? ତାହା ଈଶ୍ୱରଙ୍କ ମଧ୍ୟରେ ନିଜକୁ ହଜାଇ ଦେବାର ଅନ୍ଧକାର ରାତ୍ରର ଦୁଆ (ପ୍ରାର୍ଥନା) ହିଁ ଥିଲା । ଏହି ଦୁଆ ସଂସାରରେ ଏକ ବିପ୍ଳବ ତଥା ନବ ଜାଗରଣ ସୃଷ୍ଟି କରିଦେଇଥିଲା ଏବଂ ବିଚିତ୍ର ପ୍ରସଙ୍ଗ ପ୍ରଦର୍ଶନ କଲା ଯାହା ଅସମ୍ଭବ ପରି ଦୃଶ୍ୟମାନ ହେଉଥିଲା । اَللّٰهُمَّ صَلِّ وَسَلِّمْ وَبَارِكْ عَلَيْهِ وَاٰلِهٖ بِعَدَدِ هَمِّهٖ وَغَمِّهٖ وَحُزْنِهٖ لِهٰذِهِ الْاُمَّةِ وَاَنْزِلْ عَلَيْهِ اَنْوَارَ رَحْمَتِكَ اِلَى الْاَبَدِ । ଅର୍ଥାତ୍ ହେ ଅଲ୍ଲାଃ ତୁମ୍ଭେ ମୁହମ୍ମଦ ସ.ଅ ଏବଂ ଆପଣ ସ.ଅଙ୍କ ବଂଶ ଉପରେ ଦୟାବତୀର୍ଣ୍ଣ କର ଏବଂ ସେମାନଙ୍କୁ ସକୁଶଳତା ପ୍ରଦାନ କର ଏବଂ ସେମାନଙ୍କ ପ୍ରତି ଶାନ୍ତି ଅବତୀର୍ଣ୍ଣ କର । ଆପଣ ସ.ଅ ଯେଉଁ ସମସ୍ତ ଚିନ୍ତା, ଦୁଃଖ, କ୍ଳେଶ ଓ ଯନ୍ତ୍ରଣା ଏହି ଧର୍ମର ଧର୍ମାବଲମ୍ବମାନଙ୍କ ପାଇଁ ସହ୍ୟ କଲେ ସେହି ଚିନ୍ତା, ଦୁଃଖ, କ୍ଳେଶ ଓ ଯନ୍ତ୍ରଣା ତୁଲ୍ୟ ନିଜର ଅସୀମ କୃପା ଓ କରୁଣାର ଆଲୋକ ଆପଣ ସ.ଅଙ୍କ ଉପରେ ସର୍ବଦୈବ ଅବତୀର୍ଣ୍ଣ କର ।" ହୁଜୁର ଅନୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମୁଁ ନିଜର ବ୍ୟକ୍ତିଗତ ଅଭିଜ୍ଞତାରୁ ମଧ୍ୟ ଦେଖୁଛି ଯେ, ଦୁଆର ପ୍ରଭାବ ଅଗ୍ନି ଓ ଜଳ ଠାରୁ ମଧ୍ୟ ଢେର ଅଧିକ ଅଟେ । କେବଳ ସେତିକି ନୁହେଁ ବରଂ ସ୍ୱଭାବଜନିତ ସାଧନ ପ୍ରସଙ୍ଗରେ କୌଣସି ବସ୍ତୁ ଏତେ ପ୍ରଭାବଶାଳୀ ନୁହେଁ ଯେତେ ଦୁଆ ପ୍ରଭାବଶାଳୀ ଅଟେ ।" **(ବର୍କାତୁଦ୍ ଦୁଆ, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-6, ପୃ-10-11)**

ହୁଜୁର ଅନୱର୍ ଅ.ବ କହିଲେ, ଅଲ୍ଲାଃତାଲା ଆମମାନଙ୍କୁ ଏହି ମାର୍ଗରେ ପରିଚାଳିତ ହେବା ନିମନ୍ତେ ଏବଂ ଦୁଆ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ। ଅଲ୍ଲାଃତାଲା ଆମମାନଙ୍କୁ ପ୍ରକୃତ ରୂପେ ଦୁଆ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଆମମାନଙ୍କୁ ପ୍ରକୃତ ଅର୍ଥରେ ସେହି ପ୍ରକୃତ ବିଶ୍ୱାସକାରୀ କରନ୍ତୁ ଯିଏ ଦୁଆର ଅଧିକାରକୁ ସମ୍ପାଦନ କରିବ ଏବଂ ଆଁହଜରତ୍ ସ.ଅଙ୍କ ଆଦର୍ଶ ଉପରେ ପରିଚାଳିତ ହେବା ନିମନ୍ତେ ଉଦ୍ୟମକାରୀ ବ୍ୟକ୍ତି ରୂପେ ବିବେଚିତ କରନ୍ତୁ । ଆମିନ୍ ।

**(ଅଲ୍‌ଫଜଲ୍ ଇଣ୍ଟରନ୍ୟାସନଲ୍, 23 ଜାନୁୟାରୀ 2026 ମସିହା, ପୃ-1-8)**

☆☆☆

## ପୃ-02ରେ ବର୍ଣ୍ଣିତ ତଫ୍‌ସିର୍ କବିରର ଅବଶିଷ୍ଟାଂଶ

ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ ନିଜ ରୋଗର ଶେଷାବସ୍ଥାରେ ହ. ଫାତିମା ର.ଅଙ୍କୁ କହିଲେ, ହେ ଫାତିମା ! أَنَّ جِبْرِيلَ كَانَ يُعَارِضُنِي الْقُرْآنَ فِي

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَيْسَ اللّٰهُ بِكَافٍ عَبْدَهٗ

(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

ତାଲିବେ ଦୁଆ: Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାହି)

ତାଲିବେ ଦୁଆ: Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

## ପୃ-10ରେ ବର୍ଣ୍ଣିତ ତଫସିର୍ କବିର୍‌ର ଅବଶିଷ୍ଟାଂଶ

كُلَّ سَنَةٍ مَرَّةً وَإِنَّهُ عَارَضَنِي الْعَامَ مَرَّتَيْنِ ଅର୍ଥାତ୍ ହ. ଜିବ୍ରାଇଲ୍ ଅ.ସ ପ୍ରତ୍ୟେକ ବର୍ଷ ମୋତେ (ଆଁହଜରତ ସ.ଅଙ୍କୁ) ପବିତ୍ର କୁରଆନ୍ କରୀମ୍‌ର ଗୋଟିଏ ଦୌର୍ (ଥର) ଆବୃତ୍ତି କରି ସଂପୂର୍ଣ୍ଣ କରାଉଥିଲେ । କିନ୍ତୁ ଚଳିତ ବର୍ଷ ହ. ଜିବ୍ରାଇଲ୍ ଅ.ସ ମୋତେ ଦୁଇ ଦୌର୍ ପବିତ୍ର କୁରଆନ୍ କରୀମ୍ (ଦୁଇ ଥର) ଆବୃତ୍ତି କରି ସମାପ୍ତ କରିଥିଲେ । ତହିଁରୁ ମୁଁ ଏହା ମନେକରୁଛି ଯେ, ବର୍ତ୍ତମାନ ମୋର ଅନ୍ତିମ ସମୟ ପାଖେଇ ଆସିଛି। **(ଶରହୁଲ୍ ଅଲ୍ଲମା ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦନିୟାହ୍, ଅଲ୍ ଫସଲୁଲ୍ ଅୱଲି ଫି ଇତମାମିହି ତାଆନ୍ତ ନିମତହୁ ଅଲୈହ୍ ବିଫାତିହ୍)**

ତହିଁରେ କୌଣସି ଦ୍ୱନ୍ଦ୍ୱ ନାହିଁ ଯେ, ରମଜାନ୍ ମାସ ବ୍ୟତୀତ ଅନ୍ୟ ମାସରେ ମଧ୍ୟ ପବିତ୍ର କୁରଆନ୍ କରୀମ୍ ଅବତୀର୍ଣ୍ଣ ହୋଇଛି । କିନ୍ତୁ ରମ୍‌ଜାନୁଲ୍ ମୁବାରକ୍ ମାସର ଏହି ବିଶେଷତା ରହିଛି ଯେ, ଉକ୍ତ ମାସରେ ଯେଉଁ ପର୍ଯ୍ୟନ୍ତ ପବିତ୍ର କୁରଆନ୍ କରୀମ୍ ଅବତୀର୍ଣ୍ଣ ହୋଇ ସାରିଥିଲା ସେପର୍ଯ୍ୟନ୍ତ ଅବତୀର୍ଣ୍ଣ ହୋଇଥିବା ପବିତ୍ର କୁରଆନ୍ କରୀମ୍‌ର ଦୌର୍ ଆଁହଜରତ୍ ସ.ଅ ହ. ଜିବ୍ରାଇଲ୍ ଅ.ସଙ୍କ ସହିତ ମିଶିକି କରୁଥିଲେ। ଅର୍ଥାତ୍ ଅନ୍ୟ ଅର୍ଥରେ କହିବାକୁ ଗଲେ ଆପଣ ସ.ଅଙ୍କ ଉପରେ ପବିତ୍ର କୁରଆନ୍ କରୀମ୍ ପୁନଃ ଅବତୀର୍ଣ୍ଣ ହେଉଥିଲା ।

ବୁଖାରୀ କିତାବୁ ବଦ୍‌ୱଲ୍ ୱହିରେ ମଧ୍ୟ ଏହି ପ୍ରସଙ୍ଗ ବର୍ଣ୍ଣନା କରାଯାଇଛି । ସୁତରାଂ ହ. ଇବ୍‌ନେ ଅବ୍‌ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, كَانَ رَسُوْلُ اللّٰهِ صَلَّى اللّٰهُ عَلَيْهِ وَسَلَّمَ أَجْوَدَ النَّاسِ وَكَانَ أَجْوَدُ مَا يَكُوْنُ فِي رَمَضَانَ حِيْنَ يَلْقَاهُ جِبْرِيْلُ وَكَانَ يَلْقَاهُ فِي كُلِّ لَيْلَةٍ مِنْ رَمَضَانَ فَيُدَارِسُهُ الْقُرْاٰنَ فَلَرَسُوْلُ اللّٰهِ (صَلَّى اللّٰهُ عَلَيْهِ وَسَلَّمَ أَجْوَدُ بِالْخَيْرِ مِنَ الرِّيْحِ الْمُرْسَلَةِ **(ବୁଖାରୀ କିତାବ୍ ବଦଅଲ୍ ୱହି, ବାବ୍-କୈଫା କାନା ବଦ୍‌ୱଲ୍ ୱହି)** ଅର୍ଥାତ୍ ରସୁଲ୍ କରୀମ୍ ସ.ଅ ସମସ୍ତ ଲୋକମାନଙ୍କ ଅପେକ୍ଷା ସର୍ବାଧିକ ବଦାନ୍ୟ ଥିଲେ ଓ ଆପଣ ସ.ଅ ସର୍ବାଧିକ ମୁକ୍ତହସ୍ତ ରମ୍‌ଜାନ୍ ମାସରେ ଥିଲେ । କିନ୍ତୁ ଯେତେବେଳେ ହ. ଜିବ୍ରାଇଲ୍ ଅ.ସ ଆଁହଜରତ୍ ସ.ଅଙ୍କୁ ସାକ୍ଷାତ୍ କରୁଥିଲେ ଏବଂ ଜିବ୍ରାଇଲ୍ ଅ.ସ ରମ୍‌ଜାନ୍ ମାସରେ ପ୍ରତ୍ୟେକ ରାତ୍ରରେ ଆପଣ ସ.ଅଙ୍କୁ ସାକ୍ଷାତ୍ କରୁଥିଲେ ଏବଂ ସଂପୂର୍ଣ୍ଣ କୁରଆନ୍ କରୀମ୍ ଆପଣ ସ.ଅଙ୍କ ସହିତ **(ଅବଶିଷ୍ଟାଂଶ.......ପୃ-12ରେ)**

## ସିରତ୍ ଖାତମୁନ୍ ନବୀୟିନ୍ ସ.ଅ

ଲେଖକ. ହ. ମିର୍ଜା ବଶୀର୍ ଅହମଦ୍ ସାହେବ ଏମ୍.ଏ ର.ଅ

### ଆରବ ଦେଶ ଓ ତା'ର ଅଧିବାସୀ

#### ଆଚାର ବ୍ୟବହାର ଓ ଜାତୀୟ ଗୁଣ

ଆରବର ଅବଗୁଣ ମଧ୍ୟରୁ ତିନୋଟି ଅଭ୍ୟାସ ଅନନ୍ୟର ଅଧିକାରୀ ଥିଲା । 1- ମଦ୍ୟପାନ, 2- ଜୁଆଖେଳ (ପଶାଖେଳ), 3- ବ୍ୟଭିଚାର । ଦେଶରେ ଏହାର ଅଧିକ୍ୟତା ଏତେ ଥିଲା ଯେ, ଈଶ୍ୱରଙ୍କ ଶରଣ ଭିକ୍ଷା କରୁଛୁ । ଅଶ୍ଚର୍ଯ୍ୟର କଥା ଏହିକି ଯେ, ସାଧାରଣତଃ ଏହିସବୁ ଅଭ୍ୟାସକୁ ସେହି ଦେଶରେ ଗର୍ବ ଗୌରବ ବୋଲି କୁହାଯାଉଥିଲା । ସୁତରାଂ ଅଶିକ୍ଷିତ ଯୁଗର କବିମାନେ ଆନନ୍ଦର ସହକାରେ ସେହି କୁକର୍ମ ସଂପର୍କରେ ବୃତ୍ତାନ୍ତ ଶୁଣାଉଥିଲେ । କେବଳ ସେତିକି ନୁହେଁ ବରଂ ଏହି ପ୍ରକାରର ଚର୍ଚ୍ଚା ବ୍ୟତୀରେକ ଆରବରେ କବିତାର କୌଣସି ବାସ୍ତବତା ନଥିଲା । କବିତାକୁ ବାସ୍ତବତା ବୋଲି ମନେକରାଯାଉ ନଥିଲା । ସୁତରାଂ ଏହା ଆବଶ୍ୟକ ବୋଲି ମନେକରାଯାଉଥିଲା ଯେ, କସିଦା(ପ୍ରଶଂସା ଗୀତି)ର ପ୍ରାରମ୍ଭରେ ସେ ପଛେ କୌଣସି ଉଦ୍ଦେଶ୍ୟରେ କୁହାଯାଇଥାଉ ନା କାହିଁକି କବି କିଛିଟା ଖୋଲମ ଖୋଲା କଥାରେ ନିଜର ପ୍ରକୃତ କିମ୍ବା ପ୍ରେମିକାର ଚର୍ଚ୍ଚା କରି ତା' ସହିତ ନିଜର କେତେକ ଅନ୍ତରଙ୍ଗ ମୁହୂର୍ତ୍ତ ଏବଂ ଆସରର କୃତ୍ୟ ସଂପର୍କରେ ଶୁଣାଉଥିଲା । କାଆବ୍ ବିନ୍ ଜୁହୈର୍ ନାମକ ଜଣେ ପ୍ରସିଦ୍ଧ କବି ଥିଲେ, ସେ ଆଁହଜରତ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲା ଏବଂ ଆପଣ ସ.ଅଙ୍କ ପ୍ରଶଂସାରେ ଏକ ପ୍ରଶଂସା ଗୀତି କହିଲେ। ସେହି କବିତା ଆଜିକାଲି بَانَتْ سُعَادُ ନାମରେ ଖ୍ୟାତ ଅଟେ । ଉକ୍ତ କବିତାରେ କବି ନିଜର ପ୍ରେମିକାର ବିରହ ବେଦନା ଯୋଗୁଁ ବିଳାପ କରିଛନ୍ତି । ନିର୍ଲଜତାର ଏହି ଅବସ୍ଥା ଥିଲା ଯେ, ବଳେବେଳେ ସ୍ୱୟଂ ମାଲିକ ନିଜର ଦାସୀମାନଙ୍କ ସହିତ ବ୍ୟଭିଚାର ଅର୍ଥାତ୍ କୁକର୍ମ କରାଉଥିଲେ ଏବଂ ଏହାର ଆୟ ନିଜେ ଆଦାୟ କରୁଥିଲେ। ଅତଏବ୍ ଏହା ମଧ୍ୟ ଆୟର ଏକ ପନ୍ଥା ଥିଲା । କିନ୍ତୁ ଶିଷ୍ଟ ବ୍ୟକ୍ତିମାନଙ୍କର ଚରିତ୍ର ଏହି ପ୍ରକାରର ନିର୍ଲଜତା ଠାରୁ ପବିତ୍ର ଥିଲା । ମୂର୍ଖତା ଏବଂ ଅସୀମ ଉତ୍ସାହରେ ଆରବ୍ୟମାନଙ୍କର ଏହି ଅବସ୍ଥା ଥିଲା ଯେ, କଥା କଥାକେ ଖଡ଼୍‌ଗ ଉତ୍ତୋଳନ ହୋଇ ଯାଉଥିଲା । ଇତିହାସରୁ ଜଣେପଡ଼େ ଯେ, ବେଳେବେଳେ ସାମାନ୍ୟ କଥାରୁ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଯାଉଥିଲା । ପୁନଶ୍ଚ ଧୀରେ ଧୀରେ ଅନ୍ୟ କେତେକ ସଂପ୍ରଦାୟମାନେ ମଧ୍ୟ ଉକ୍ତ ଯୁଦ୍ଧରେ ସାମିଲ୍ ହୋଇଗଲେ ଏବଂ ବର୍ଷ ବର୍ଷ ଧରି ହତ୍ୟା ବିଭୀଷୀକାର ପରମ୍ପରା ଜାରି ରହୁଥିଲା । ନିମ୍ନରେ ଆରବ୍ୟ ଇତିହାସର ଏକ ସାଧାରଣ ପୃଷ୍ଠା ବର୍ଣ୍ଣନା କରାଗଲା । ଖ୍ରୀ.ଅ ପଞ୍ଚମ ଶତାବ୍ଦୀର ଶେଷାର୍ଦ୍ଧରେ କଲିବ୍ ବିନ୍ ରବିଇୟାହ୍ ନାମକ ଜଣେ ଶକ୍ତିଶାଳୀ ଏବଂ ପ୍ରତିପତ୍ତିଶାଳୀ ବ୍ୟକ୍ତି ଅତିକ୍ରାନ୍ତ ହୋଇଛି । ଏହି ସଂପ୍ରଦାୟ ବନୁ ତୁଗଲବ୍ ବିନ୍ ୱାଏଲ୍‌ର ଅଧିପତି ଥିଲା। ଏହି ସଂପ୍ରଦାୟ ଆରବ ଦେଶର ଉତ୍ତରପୂର୍ବ ଦିଗରେ ବାସ କରୁଥିଲା । କଲିବ୍‌ର ପତ୍ନି ହଲିଲା ବିନ୍‌ତ୍ ମୁର୍‌ରାହ୍ ବନୁ ବକର୍ ବିନ୍ ୱାଏଲ୍ ସଂପ୍ରଦାର ମହିଳା ଥିଲା । ସେହି ହଲିଲାର ଜଣେ ଭାଇ ଥିଲା, ଯାହାର ନାମ ଜସ୍ସା ଥିଲା । ସେ ନିଜର ଖାଲା (ମାଈଁ) ବସୁସ୍ ସହିତ ରହୁଥିଲା । ଦୈବାତ୍ ଏପରି ହେଲା ଯେ, ବସୁସ୍ ପାଖକୁ ସାଆଦ୍ ନାମକ ଜଣେ ଅତିଥି ଆସିଲା ଏବଂ ସେ ଅତିଥି ହୋଇ ରହିଲା । ସାଆଦ୍‌ର ଗୋଟିଏ ଓଟ ଥିଲା ଯାହାର ନାମ ସରାବ୍ ଥିଲା । ଜସ୍ସାସ୍‌ର ଓଟ ସହିତ ସଆଦ୍‌ର ଓଟର ସଂପର୍କ ଥିବାରେ ସାଆଦର ଓଟ କଲିବର ଚାରଣଭୂମିରେ ଜସ୍ସାସର ଓଟ ସହିତ ମିଶି ଚରୁଥିଲା ।

ଦିନେ ଦୈବାତ୍ କଲିବ୍ ଏକ ବୃକ୍ଷ ତଳ ଦେଇ ଅତିକ୍ରମ କରୁଥିଲା କି ବୃକ୍ଷ ଉପରୁ ଏକ ପକ୍ଷୀର ସ୍ୱର ଶୁଭିଲା । କଲିବ୍ ଉପରକୁ ଚାହିଁ ଯେତେବେଳେ ଦେଖିଲା ସେତେବେଳେ ଏହା ଜ୍ଞାତ ହେଲା ଯେ, ଏକ ପକ୍ଷୀ ସେହି ବୃକ୍ଷ ଉପରେ ବସା ବାନ୍ଧି ସେହି ବସାରେ ଅଣ୍ଡା ଦେଇଥିଲା । କଲିବ୍ ସେହି ପକ୍ଷୀ ଆଡ଼କୁ ଅଧିପତି ଶୈଳୀରେ (ଚାହାଁଣୀରେ) ଚାହିଁଲା ଏବଂ କହିଲା: "ହେ ପକ୍ଷୀ ! ତୁ ଆଦୌ ଭୟଭୀତ ହୋ ନା ରୋ, ମୁଁ ତୋତେ ସୁରକ୍ଷା ଦେବି । ଦ୍ୱିତୀୟ ଦିନ ଯେତେବେଳେ କଲିବ୍ ସେହି ବୃକ୍ଷ ତଳ ଦେଇ ଅତିକ୍ରମ କରୁଥିଲା ସେତେବେଳେ ସେ ଦେଖିଲା ଯେ, ପକ୍ଷୀର ଅଣ୍ଡାଗୁଡ଼ିକ ତଳେ ପଡ଼ିଛି ଏବଂ କେହି ଜଣେ ଜୀବ ସେହି ଅଣ୍ଡାଗୁଡ଼ିକୁ ନିଜର ପାଦ ଦ୍ୱାରା ଚକଟି ଦେଇଛି । ଅର୍ଥାତ୍ ଭାଙ୍ଗି ଦେଇଛି । ସେହି ପକ୍ଷୀ ବୃକ୍ଷ ଉପରେ କୋହଭରା କଣ୍ଠରେ ରଡ଼ି ଛାଡୁଛି । କଲିବ୍ ପକ୍ଷୀକୁ ନିଜର କାଲି ଦେଇଥିବା ପ୍ରତିଶୃତି କଥା ମନେ ପଡ଼ିଲା ଏବଂ ତା'ର ଚକ୍ଷୁ ରକ୍ତ ରଞ୍ଜିତ ହୋଇ ଉଠିଲା । ଅର୍ଥାତ୍ କ୍ରୋଧ ଜର୍ଜରିତ ହୋଇଗଲା । ସେ ଏଣେତେଳେ ଦେଖିଲା, ତେବେ ସାଆଦ୍‌ର ଓଟ ସେଠାରେ ଚରୁଥିଲା । କଲିବା ଏହା ମନେକଲା ଯେ, ପକ୍ଷୀର ଅଣ୍ଡା ଏହି ଓଟ ହିଁ ଭାଙ୍ଗିଛି । ତେଣୁ କଲିବ୍ କ୍ରୋଧ ଜର୍ଜରିତ ହୋଇ ନିଜର ଶଳା ଜସ୍ସାସ୍ ପାଖକୁ ଆସିଲା ଏବଂ କହିବାକୁ ଲାଗିଲା ଯେ, ଦେଖ ଜସ୍ସାସ୍ ! ବର୍ତ୍ତମାନ ମୋ ମସ୍ତିଷ୍କର ଗୋଟିଏ କଥା ଆସୁଛି । ଯଦି ମୋତେ ସେହି କଥାର ବିଶ୍ୱାସ ଦୃଢୀଭୂତ ହୋଇଯାଏ ତେବେ ମୁଁ କିଛି ନା କିଛି ଗୋଟେ କରି ପକାଇବି । କିନ୍ତୁ ଦେଖ ! ଆଗକୁ ସାଆଦ୍‌ର ଏହି ଓଟ ଏହି ଦୀର୍ଘ ବେକ ସହିତ ଏଠାକୁ ଯେପରି ଚରିବାକୁ ନ ଆସୁ । ଜସ୍ସାସ୍‌ର ଶିରା ପ୍ରଶିରାରେ ମଧ୍ୟ ଆରବର ପୁରପଲ୍ଲୀ ତଥା ଆଦିବାସୀମାନଙ୍କର ରକ୍ତ ପ୍ରବାହିତ ହେଉଥିଲା, ସେ ପ୍ରତ୍ୟୁତ୍ତରରେ କହିଲା, ଏଇଟା ମୋର ଅତିଥିଙ୍କ ଓଟ ଅଟେ। ତେଣୁ ଯେଉଁଠି ମୋର ଓଟ ଚରିବ ସେଇଠି ଏହି ଓଟ ମଧ୍ୟ ଚରିବ । କଲିବ୍ କହିଲା, ଆଚ୍ଛା ତାହାହେଲେ ଯଦି ମୋତେ ଏହି ଓଟ ଏଠାରେ ପୁଣିଥରେ ଦିଶିଲା ତେବେ ମୁଁ ଏହି ଓଟର ସ୍ତନ (ପନ୍ଥା)ରେ ତୀର ମାରି ଓଟକୁ ମାରିଦେବି । ଜସ୍ସାସ୍ କହିଲା, ହେ କଲିବ୍ ! ତୁ ଯଦି ଏପରି କଲୁ ତେବେ ମୁଁ ୱାଏଲର ପିତୁଳାଙ୍କ ରାଣ ଖାଇ କହୁଛି ମୋ ତୋ ଛାତିରେ ତୀର ବିଦ୍ଧ କରିଦେବି । ଜସ୍ସାସ୍ ଏହା କହି ସେଠାରୁ ଚାଲିଗଲା ଏବଂ କଲିବ୍ କ୍ରୋଧ ଜର୍ଜରିତ୍ ଅବସ୍ଥାରେ ନିଜ ଘରକୁ ଆସିଲ ଏବଂ ନିଜର ପତ୍ନି ହଲିଲାକୁ କହିବାକୁ ଲାଗିଲା । ହେ ହଲିଲା ! ତୁ ଏପରି ବ୍ୟକ୍ତିକୁ ଜାଣୁ ଯିଏ ମୋ ବିପକ୍ଷରେ ନିଜ ପଡ଼ୋଶୀର ସୁରକ୍ଷା ନିମନ୍ତେ ସାହସ ଦେଖାଇବ ତୁ ଏପରି ବ୍ୟକ୍ତିକୁ ଜାଣିଛୁ କି ? ସେ କହିଲା, ଏପରି ତ' କେହି ନାହିଁ । କିନ୍ତୁ ହଁ ମୋର ଭାଇ ଜସ୍ସାସ୍ ରହିଛି,ସେ ଯଦି ନିଜ ତୁଣ୍ଡରୁ କୌଣସି କଥା କହିଦିଏ ତେବେ ସେ ସେହି କଥାକୁ ଅବଶ୍ୟ ପୂରଣ କରିବେ।"

ଏତଦ୍‌ପରେ ହଲିଲା ନିଜ ତରଫରୁ ସେହି କଳହକୁ ରୋକିବା ନିମନ୍ତେ ଖୁବ ପ୍ରୟାସ କଲା, କିନ୍ତୁ ସଫଳ ହୋଇ ପାରିଲା ନାହିଁ । ପରିଶେଷରେ ଦିନେ କଲିବ୍ ଯେତେବେଳେ ନିଜର ଓଟମାନଙ୍କୁ ଜଳପାନ କରାଥାଉଥିଲା, ଦୈବାତ୍ ଜସ୍ସାସ୍ ମଧ୍ୟ ସାମ୍ନାପଟୁ ନିଜର ଓଟ ଘିନି ଆଣିଲା । ଦୈବାତ୍ ତା ହାତରେ ସେହି ସାଆଦ୍‌ର ଓଟ ଖସି ଆସିଲା ଏବଂ କଲିବ୍‌ର ଓଟମାନଙ୍କ ସହିତ ମିଳି ଜଳପାନ କରିବାକୁ ଲାଗିଲା । କଲିବ୍ ଯେତେବେଳେ ସେହି ଓଟକୁ ଦେଖିଲା ସେତେବେଳେ ସେ ଏହା ଭାବିଲା ଯେ, ଜସ୍ସାସ୍ ଜାଣିଶୁଣି ନିଜର ଓଟକୁ ଛାଡ଼ିଛି ପ୍ରତ୍ୟୁତ୍ତରରେ ସେ ନିଜର ତୀର ବାହାର କଲା

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହା ଉଚିତ ହେବ କି ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

ଏବଂ ସେହି ଓଟର ପନ୍ନା (ସ୍ତନ)ରେ ସିଧା ସଳଖ ବିଦ୍ଧ କରିଦେଲା । ତୀର ଲକ୍ଷ୍ୟ ସ୍ଥଳରେ ଯାଇ ବାଜିଲା ଏବଂ ସାଆଦ୍‌ର ମାଈ ଓଟଟି ଯନ୍ତ୍ରଣାରେ ଛଟପଟ ହେଉଥିଲା ଏବଂ ଚିତ୍କାର କରି ଦଉଡ଼ି ଜସ୍ସାସ୍‌ର ମାଈଁ ବସୁସ୍ ଦୁଆରରେ ପହଞ୍ଚି ତଳେ ଧଡ଼ାମ୍ ସେ ପଡ଼ିଗଲା । ବସୁସ୍ ଯେତେବେଳେ ଏହି ଦୃଶ୍ୟ ଦେଖିଲା ସେତେବେଳେ ସେ ନିଜ ମୁଣ୍ଡ ବାଡ଼େଇବାକୁ ଲାଗିଲା ଏବଂ ଜୋରରେ ଚିତ୍କାର କରି କହିଲା, ଛି, ଛି, ଲଜ୍ଜା, ଲଜ୍ଜା ! ଆମେମାନଙ୍କୁ ତିରସ୍କୃତ କରାଯାଇଛି ଏବଂ ଆମମାନଙ୍କର ଅତିଥିମାନେ ଆମ ଓଟକୁ ମାରି ଦେଇଛନ୍ତି । ଜସ୍ସାସ୍ ଯେତେବେଳେ ଏକଥା ଶୁଣିଲା ସେତେବେଳେ ଆତ୍ମାଭିମାନୀ ହୋଇ ଉଠିଲା ଏବଂ କ୍ରୋଧ ଜର୍ଜରିତ ହୋଇ କଲିବ୍‌ର ହତ୍ୟା କରିଦେଲା । କଲିବ୍‌ର ହତ୍ୟା ଘଟଣା ତଗ୍‌ଲବ୍ ସଂପ୍ରଦାୟରେ ନିଆଁ ଲଗାଇଦେଲା ଏବଂ ନିଜର ଅଧିପତିଙ୍କ ପ୍ରତିଶୋଧ ନିମନ୍ତେ ସେହି ସଂପ୍ରଦାୟମାନ ଏକତ୍ରିତ ହୋଇଗଲେ । ଫଳତଃ ତୁଗଲବ୍ ସଂପ୍ରଦାୟ ଏବଂ ବକର୍ ସଂପ୍ରଦାୟ ମଧ୍ୟର ଭୟଙ୍କର ଯୁଦ୍ଧର ସୂତ୍ରପାତ ହେଲା ଏବଂ ଏତେ ରକ୍ତପାତ ହେଲା ଯେ, ଈଶ୍ୱରଙ୍କ ଶରଣ ଭିକ୍ଷା କରୁ । ପରିଶେଷରେ 40 ବର୍ଷ ପରେ ଯେତେବେଳେ ଉଭୟ ସଂପ୍ରଦାୟ କଟି କଟି ଦୁର୍ବଳ ହୋଇଗଲେ ସେତେବେଳେ ହୈରାହ୍ ନାମକ ରାଜ୍ୟର ସମ୍ରାଟ୍ ମୁଶ୍‌ନଜର୍ ନାମକ ସାଲିସ୍ ବ୍ୟକ୍ତି ମାଧ୍ୟମରେ ସେମାନଙ୍କ ମଧ୍ୟରେ ସନ୍ଧି ହୋଇଥିଲା । ସୁତରାଂ ଉକ୍ତ ଯୁଦ୍ଧଟି ଆରବ୍ୟ ଇତିହାସରେ ବୁସୁସ୍ ଯୁଦ୍ଧ ନାମରେ ଖ୍ୟାତ ଅଟେ ।

ଆରବରେ ଯୁଦ୍ଧରେ ସାଧାରଣତଃ ସାର୍ ଅର୍ଥାତ୍ ପ୍ରତିଶୋଧର ହସ୍ତକ୍ଷେପ ହେଉଥିଲା । ସାର୍‌ର (ପ୍ରତିଶୋଧ) ଆସ୍ଥା ଆରବର ଧର୍ମର ବୃହତ୍ ଅଂଶ ଥିଲା । ସେମାନଙ୍କର ଏହି ବିଶ୍ୱାସ ରହିଥିଲା ଯେ, ଯେପର୍ଯ୍ୟନ୍ତ ସେମାନେ ପ୍ରତିଶୋଧ ନେଇ ନେଇ ନେଉ ନଥିଲେ ସେପର୍ଯ୍ୟନ୍ତ ମୃତ ବ୍ୟକ୍ତିର ଆତ୍ମା ଏକ ଜୀବର ରୂପ ଧାରଣ କରି ବାୟୁରେ ରୋଦନ ଏବଂ ବିଳାପ କରି ଅତୃପ୍ତ ହୋଇ ଘୂରି ବୁଲୁଥିଲା । ସେହି ଜୀବକୁ ଆରବରେ ସୁଦା ବୋଲି କହୁଥିଲେ । ଯେତେବେଳେ କୌଣସି ସଂପ୍ରଦାୟର କେହି ବ୍ୟକ୍ତି ମୃତ୍ୟୁବରଣ କରୁଥିଲା ସେତେବେଳେ ତା'ର ସଂପର୍କୀୟ ଏବଂ ସଂପ୍ରଦାୟର ପରିବାର ବର୍ଗଙ୍କ ଏହି କର୍ତ୍ତବ୍ୟ ହୋଇଯାଉଥିଲା ଯେ, ହତ୍ୟାକାରୀ କିମ୍ବା ତା'ର କୌଣସି ସଂପର୍କୀୟମାନେ ସେହି ସଂପ୍ରଦାୟର କୌଣସି ଜଣେ ବ୍ୟକ୍ତି ହତ୍ୟା ବଦଳରେ କ୍ଷତିପୂରଣ କରୁଥିଲେ । ମୃତ ବ୍ୟକ୍ତିର ଦିୟତ୍ (ଅର୍ଥାତ୍ ରକ୍ତ ବଦଳରେ କ୍ଷତି ପୂରଣ) ପୈଠ କରୁଥିଲେ । କିନ୍ତୁ ପ୍ରାୟତଃ ଯେପର୍ଯ୍ୟନ୍ତ ହତ୍ୟା ହୋଇଥିବା ବ୍ୟକ୍ତିର ପ୍ରତିଶୋଧ ହତ୍ୟା ଦ୍ୱାରା ନେଇ ନିଆଯାଇ ନାହିଁ ସେପର୍ଯ୍ୟନ୍ତ ତା'ର ମୃତ୍ୟୁବରଣ କରିଥିଲା ବ୍ୟକ୍ତିର ସଂପର୍କୀୟମାନଙ୍କ ମନରେ ଏକ ଅଗ୍ନି ପରି ନିଆଁ ଲାଗି ରହୁଥିଲା। କେବଳ ରକ୍ତ ହିଁ ସେହି ଶୋଷକୁ ମେଣ୍ଟାଇ ପାରିଥାଆନ୍ତା । କିନ୍ତୁ ଯେତେବେଳେ ଗୋଟିଏ ପାର୍ଶ୍ୱରେ ନିଆଁ ଲିଭି ଯାଉଥିଲା ସେତବେଳେ ଅନ୍ୟ ପାର୍ଶ୍ୱରେ ଏହି ନିଆଁ ସ୍ଫୁଲିଙ୍ଗ ହୋଇଯାଇଥିଲା ଏବଂ ଏହିପରି ଭାବରେ ଏହି ପରମ୍ପରା ଏପରି ବ୍ୟାପକ ହୋଇ ଯାଉଥିଲା । ଅର୍ଥାତ୍ ବେଳେବେଳେ ସମଗ୍ର ସଂପ୍ରଦାୟ ଉକ୍ତ ନିଆଁରେ ଜଳି ପୋଡ଼ି ଭସ୍ମ ହୋଇଯାଉଥିଲା ।

କେବଳ ହତ୍ୟାକାରୀକୁ ମାରି ଦେବା ପ୍ରଯ୍ୟନ୍ତ ନିହତ ବ୍ୟକ୍ତିର ପ୍ରତଶୋଧ ସମାପ୍ତ ହେଉ ନଥିଲା । ବରଂ ମୃତକମାନଙ୍କ ହାତ ଗୋଡ଼, କାନ, ନାକ ଇତ୍ୟାଦି ମଧ୍ୟ କାଟି ନିଜର ହୃଦୟକୁ ଶୀତଳ କରାଯାଉଥିଲା । ଅର୍ଥାତ୍ ଶାନ୍ତି ପ୍ରଦାନ କରାଯାଉଥିଲା (ହୃଦୟକୁ ଶାନ୍ତି ମିଳୁଥିଲା) । ଏହି ପନ୍ଥାକୁ ଆରବରେ ମୁସ୍‌ଲା କୁହାଯାଉଥିଲା ଏବଂ ଆରବ୍ୟ ଯୁଦ୍ଧମାନଙ୍କରେ ଏହାର ସାଧାରଣ ପ୍ରଚଳନ ଥିଲା । ସୁତରାଂ ଆମେମାନେ ଆଗକୁ ଚାଲି ଦେଖିବା ଯେ, ଓହୋଦ୍ ଯୁଦ୍ଧରେ ଅବୁ ସୁଫିୟାନ୍‌ର ପତ୍ନି ହିନ୍ଦା ଆଁହଜରତ୍ ସ.ଅଙ୍କ ଚଚା ହ. ହମ୍‌ଜା ର.ଅଙ୍କ ସହିତ କିପରି ବର୍ବରତା ପ୍ରଦର୍ଶନ କିରଥିଲା । କାରଣ ହ. ହମ୍‌ଜା ର.ଅ ବଦର୍ ଯୁଦ୍ଧରେ ହିନ୍ଦାର ପିତା ଉତ୍‌ବାର ବଧ କରିଥିଲେ । ସେହି କାରଣରୁ ହିନ୍ଦା ରୋଷ ରଖି ଓହୋଦ୍ ଯୁଦ୍ଧରେ ଆଁହଜରତ୍ ସ.ଅଙ୍କ ଚଚା ହ. ହମ୍‌ଜା ର.ଅଙ୍କୁ ହତ୍ୟା କରିଥିଲା । କେବଳ ସେତିକି ନୁହେଁ ବରଂ ଅତ୍ୟନ୍ତ ନୃଶଂସନୀୟ ଓ ବୀଭତ୍ସ ଭାବରେ ହ. ହମ୍‌ଜା ର.ଅଙ୍କ କଲିଜା କାଢି ଚୋବାଇଥିଲା । ଯୁଦ୍ଧରେ ଯଦି ମହିଳା ଏବଂ ଛୋଟ ପିଲାମାନେ ବନ୍ଦୀ ହୋଇ ଆସୁଥିଲେ ସେତେବେଳେ ମଧ୍ୟ ଆରବ୍ୟମାନେ ସେମାନଙ୍କୁ ହତ୍ୟା କରିବାରେ ପଶ୍ଚାତ୍‌ପଦ ହେଉ ନଥିଲେ ଓ ଶଙ୍କୋଚ ବୋଧ ମନେକରୁ ନଥିଲେ । ପ୍ରତିଶୋଧ ପୂରଣ କରିବା ସକାଶେ ପୁରୁଷମାନଙ୍କର ଖପୁରୀରେ ମଦ୍ୟପାନ, ବର୍ଛା ମାରି ଗର୍ଭବତୀ ମହିଳାର ଗର୍ଭପାତ କରାଇଦେବା, ଅବଚେତନ ଅବସ୍ଥାରେ ଶୋଇଥିବା ବ୍ୟକ୍ତି ଉପରେ ଆକ୍ରମଣ କରି ହତ୍ୟ କରିଦେବା ଇତ୍ୟାଦି ଘଟଣା ଏପରି ଥିଲା, ଯାହାକୁ ଅରବ୍ୟ ସମାଜ ସାଧାରଣତଃ ଅବୈଧ ବୋଲି ମନେକରୁ ନଥିଲା ।

ଯୁଦ୍ଧରେ ଆରବ୍ୟମାନଙ୍କର ଏହି ପ୍ରଥା ତଥା ଅଭ୍ୟାସ ରହୁଥିଲା ଯେ, ଏକ ଉଚ୍ଚ ସ୍ଥାନରେ ଅଗ୍ନି ଜଳାଇ ଦେଉଥିଲେ ଏବଂ ଯୁଦ୍ଧ ସମୟରେ ସେହି ନିଆଁର ମଶାଲକୁ ଅହରହ ଜଳାଇ ରଖୁଥିଲେ । ମଶାଲ୍‌ର ଲିଭିଯିବାକୁ ସେମାନେ ଅଶୁଭ ଶକୂନ ବୋଲି ମନେକରୁଥିଲେ । ସୁତରାଂ ଆଗକୁ ଯାଇ ଆମେମାନନେ ଦେଖିବୁ ଯେ, ଯେତେବେଳେ ଅହ୍‌ଜାବ୍ ଯୁଦ୍ଧରେ କୌଣସି କାରଣ ଯୋଗୁଁ ଜଣେ ଅଫିସର୍‌ର ଅଗ୍ନି ପ୍ରଶମିତ (ଲିଭି) ହୋଇଯାଉଥିଲା ସେତେବେଳେ ସେ ରାତ୍ର ସମୟରେ ଏକୁଟିଆ ଯୁଦ୍ଧ ଭୂମିରୁ ଖସି ପଳାଇ ଆସିଲା, ଯଦ୍ଦ୍ୱାରାକି ଅନ୍ୟ ସୈନ୍ୟବାହିନୀ ମଧ୍ୟ ପଳାୟନ କଲେ ।

ଯୁଦ୍ଧରେ ପ୍ରାୟତଃ ମହିଳାମାନେ ମଧ୍ୟ ସୈନ୍ୟବାହିନୀ ସହିତ ଯାଉଥିଲେ । ସେହି ମହିଳାମାନଙ୍କର ଏହି କାର୍ଯ୍ୟ ହେଉଥିଲା ଯେ, ସ୍ୱାଭିମାନ ଏବଂ ଉତ୍ସାହବାହୀ କବିତା ପାଠ କରି ଆରବ୍ୟମାନଙ୍କୁ ଉତ୍ତେଜିତ କରୁଥିଲେ । ଆହତମାନଙ୍କର ଦେଖାଶୁଣା ମଧ୍ୟ ପ୍ରାୟତଃ ମହିଳମାନେ ହିଁ କରୁଥିଲେ । ସୁତରାଂ ଏହି ପ୍ରଥା ଏକ ସମୟ ପର୍ଯ୍ୟନ୍ତ ଇସ୍‌ଲାମ୍ ଧର୍ମରେ ଅବ୍ୟାହତ ରହିଲା ।

ଯୁଦ୍ଧରେ ଏହି ସାଧାରଣ ପ୍ରଥା ଥିଲା ଯେ, ପୂର୍ବେ ଜଣେ ବ୍ୟକ୍ତି ଅନ୍ୟ ବ୍ୟକ୍ତି ସହିତ ବ୍ୟକ୍ତିଗତ ମୁକାବିଲା କରୁଥିଲା ଏବଂ ପୁନଶ୍ଚ ସର୍ବସାଧାରଣ ଆକ୍ରମଣ ହେଉଥିଲା । ଯୁଦ୍ଧରେ ଆରବ୍ୟ ଲୋକମାନେ ପ୍ରାୟତଃ ତିନି ପ୍ରକାରର ଅସ୍ତ୍ର ବ୍ୟବହାର କରୁଥିଲେ। ତୀର, କମାଣ, ବର୍ଛା, ଖଡ୍‌ଗ ଏବଂ ଆତ୍ମରାକ୍ଷା ନିମନ୍ତେ ଢାଲ, ସାଞ୍ଜୁ ଇତ୍ୟାଦି ଅସ୍ତ୍ରଶସ୍ତ୍ର ବ୍ୟବହାର କରାଯାଉଥିଲା । ଆରବ୍ୟ ଲୋକମାନେ ଅଶ୍ୱ ଉପରେ ବସି ଯୁଦ୍ଧ କରୁଥିଲେ ଏବଂ ପାଦରେ ମଧ୍ୟ ଯୁଦ୍ଧ ଲଢୁଥିଲେ । କିନ୍ତୁ ବୀର ତଥା ସାହସୀ ବ୍ୟକ୍ତିଙ୍କ ମଧ୍ୟରେ ଏହି ସାହସିକତାର ଲକ୍ଷଣ ବୋଲି ପରିଗଣିତ ହେଉଥିଲା ଯେ, ଯୁଦ୍ଧ ସମୟରେ ଅଶ୍ୱ ଉପରୁ ତଳରୁ ଓହ୍ଲାଇ ନିଜର ପ୍ରିୟ ଅଶ୍ୱର ଗୋଚ୍ଛି କାଟି ତାକୁ ତଳେ ପାକଇ ଦିଆଯାଉଥିଲା । କାରଣ ଏହା ସିଦ୍ଧ ହେବ ଯେ, ଲଢୁଥିବା ବ୍ୟକ୍ତି ନିଜ ସକାଶେ ପଳାୟନର କୌଣସି ମାର୍ଗ ଖୋଲା ରଖି ନାହିଁ । ଯୁଦ୍ଧରେ ଭାର ବହନ ନିମନ୍ତେ ଓଟ ବ୍ୟବହୃତ ହେଉଥିଲା ।

ଆରବ୍ୟମାନଙ୍କ ମଧ୍ୟରେ ବୀରତ୍ୱତା ଏବଂ ସାହସିକତା ଅତ୍ୟନ୍ତ ଉଚ୍ଚ ବୋଲି ବିବେଚିତ ହେଉଥିଲା । ଆରବ୍ୟ କବି ନିଜର ଏବଂ ନିଜ ସଂପ୍ରଦାୟର ସାହସିକତାର କୃତିତ୍ୱ ହୃଦୟାବେଶ ଏବଂ ଉତ୍ସାହର ସହିତ କବିତା ଲେଖୁଥିଲେ । ସାହସକିତା ସେମାନଙ୍କର ଜାତୀୟ ଆଚରଣ ମଧ୍ୟରୁ ଅନନ୍ୟ ଆଚରଣ ଥିଲା । ମୃତ୍ୟୁର ଭୟକୁ ଅତ୍ୟନ୍ତ ଲଜ୍ଜାଜନକ ପ୍ରସଙ୍ଗ ବୋଲି ମନେକରାଯାଉଥିଲା ଏବଂ ମୃତ୍ୟୁକୁ ଭୟ କୁରଥିବା ବ୍ୟକ୍ତି ସମସ୍ତଙ୍କ ଦୃଷ୍ଟିରେ ମାଆତୁନ୍ ହୋଇଯାଉଥିଲା । ବାସ୍ତବରେ ସାହସିକତା ଆରବ୍ୟ ଜୀବନ ସହିତ ଅଙ୍ଗାଅଙ୍ଗି ଭାବରେ ଜଡ଼ିତ ଥିଲା ।

ଆରବ୍ୟମାନଙ୍କ ମଧ୍ୟରେ ପରୋପକାର ଏବଂ ବଦାନ୍ୟତା ଏକ ଅନନ୍ୟ ଗୁଣ ବୋଲି ବିବେଚିତ ହେଉଥିଲା । ପଡ଼ୋଶୀ ଏବଂ ଅତିଥିମାନଙ୍କର ସୁରକ୍ଷା ସେମାନଙ୍କ ଧର୍ମର ଏକ ଅଙ୍ଗ ଥିଲା । ଅତିଥି ସତ୍କରାକ ତ' ଆରବ୍ୟ ସ୍ୱଭାବରେ ଥିଲା । ରାତ୍ରରେ କୌଣସି ଉଚ୍ଚ ସ୍ଥାନରେ ଅଗ୍ନି ଜଣାଇ ରଖୁଥିଲେ । କାରଣ ସେହି ଅଗ୍ନିକୁ ଦେଖି ପ୍ରପୀଡ଼ିତ ଯାତ୍ରୀମାନେ ସେହି ଅଗ୍ନି ପର୍ଯ୍ୟନ୍ତ ପହଞ୍ଚି ପାରନ୍ତୁ । ଅତିଥିମାନଙ୍କର ସକାଶେ ଘରର ସବୁକିଛି ଅର୍ଥ ବ୍ୟୟ କରିବା ନିମନ୍ତେ କୁଣ୍ଠାବୋଧ ମନେକରୁ ନଥିଲେ । ଏଥି ସଂକ୍ରାନ୍ତରେ ଆରବର ଜଣେ ପ୍ରସିଦ୍ଧ ନାୟକ ହାତିମ୍ ତାଇର ପରୋପକାରିତା ଏବଂ ଆତିଥ୍ୟତାର କାହାଣୀ ଲୋକମାନଙ୍କ ତୁଣ୍ଡରେ ରହିଛି । ସଂପ୍ରଦାୟର ମାନ ମର୍ଯ୍ୟାଦା ରଖିବା ଆରବ୍ୟମାନଙ୍କର ପରମ କର୍ତ୍ତବ୍ୟ ଥିଲା । ଜଣେ କବି ଗର୍ବର ସହକାରେ ଏହା କହୁଥିଲା ଯେ, ମୁଁ ତ' ଗଜିୟା ସଂପ୍ରଦାୟର ବ୍ୟକ୍ତି ଅଟେ । ଯଦି ସେମାନେ ଦୋଷ ତ୍ରୁଟି କରନ୍ତି ତେବେ ମୁଁ ମଧ୍ୟ ଦୋଷ ତ୍ରୁଟି କରିବି ଏବଂ ଗଜିୟା ସଂପ୍ରାଦୟ ଯଦି ସତ୍‌ମାର୍ଗରେ ଅଗ୍ରସର ହୁଅନ୍ତି ତେବେ ମୁଁ ମଧ୍ୟ ସଠିକ୍ ମାର୍ଗରେ ଚାଲିବି ।

ଆରବ୍ୟମାନଙ୍କ ମଧ୍ୟରେ ନିଜ ବଂଶ ଉପରେ ଗର୍ବ ଭାବ ପ୍ରକାଶ କରିବାର ଅଭ୍ୟାସ ସାଧାରଣ ଥିଲା ଏବଂ ନିଜର ପିତୃପିତାମହଙ୍କ କୃତିତ୍ୱର ଗର୍ବ ଏବଂ ଅହଂକାର ଢଙ୍ଗରେ ଚର୍ଚ୍ଚା କରିବା ସେମାନଙ୍କର ବିଶେଷତା ଥିଲା । ଏହା ସେହି ଅହଂକାରର ପରିଣାମ ଥିଲା ଯେ, ଆରବର ଲୋକମାନେ ଦାସମାନଙ୍କୁ ଏବଂ ସେବକମାନଙ୍କୁ ଅତ୍ୟନ୍ତ ତୁଚ୍ଛ ଓ ହୀନ ଚକ୍ଷୁରେ ଦେଖୁଥିଲେ । ଆରବ୍ୟମାନେ ଶତ୍ରୁମାନଙ୍କ ସହିତ ଆଚରଣ ପ୍ରଦର୍ଶନ କରିବାରେ ଅତ୍ୟନ୍ତ କ୍ରୂରତା ଏବଂ କଠୋରତା ପ୍ରଦର୍ଶନ କରୁଥିଲେ । ଯେପରିକି ସାର୍‌ର ଏକ ଘଟଣା ଉପରୋକ୍ତରେ ବର୍ଣ୍ଣନା ହୋଇ ସାରିଛି । ଅର୍ଥାତ୍ ଶତ୍ରୁ ପ୍ରତି କ୍ରୂରତା ପ୍ରଦର୍ଶନ କରିବା ଆରବ୍ୟ ଧର୍ମର ଏକ ମହାନ ଅଙ୍ଗ ଥିଲା । ସାର୍‌ଙ୍କ ବିରୁଦ୍ଧରେ ଈଶ୍ୱରଙ୍କ ବିଧାନକୁ ମଧ୍ୟ ସେମାନେ ଭୃକ୍ଷେପ କରୁ ନଥିଲେ । ତେଣୁ ଏଥି ସଂକ୍ରାନ୍ତରେ ଜଣେ କବି ଏକ କବିତା କହିଛି ତାହା ଏହିପିର ଯେ,

سَاَغسِلُ عَنِّی الْعَارَ بِالسَّیْفِ جَالِبًا عَلَیَّ قَضَاءُ اللہِ مَا کَانَ جَالِبًا

ଅର୍ଥାତ୍ ମୁଁ ନିଜ ଉପରେ ଲଜ୍ଜାକୁ ଅବଶ୍ୟ ଖଡ୍‌ଗ ଦ୍ୱାରା ଧୋଇଦେବି, ପୁନଶ୍ଚ ଅଲ୍ଲାଃତାଲାଙ୍କ ବିଧି ମୋ ପ୍ରତି ଯେଉଁ ବିଚାର କରିବ କରୁ, ମୁଁ ସେଥି ପ୍ରତି ଆଦୌ ଭୃକ୍ଷେପ କରୁ ନାହିଁ ।

ଆରବ୍ୟ ଲୋକମାନେ ଅତ୍ୟନ୍ତ ବୁଦ୍ଧିମାନ ଥିଲେ ଏବଂ ସେମାନଙ୍କର ମୁଖସ୍ତ କରିବାର ଗୁଣ ଅତ୍ୟନ୍ତ ଚମତ୍କାପୂର୍ଣ୍ଣ ଥିଲା । ସୁତରାଂ ପ୍ରାଚୀନ କାଳରୁ ସେମାନଙ୍କର ଏହି ଅଭ୍ୟାସ ରହିଥିଲା ଯେ, ସେମାନେ ନିଜର ସମସ୍ତ ପୁରାତନ ସଂସ୍କୃତି, ଜାତୀୟତା ଏବଂ ବଂଶଗତ ବର୍ଣ୍ଣନାକୁ ସ୍ମରଣ ରଖୁଥିଲେ ଏବଂ ବିଭିନ୍ନ ଅବସରରେ ସେହି ସ୍ମୃତିକୁ ସେମାନେ ବଖାଣୁଥିଲେ । ଅର୍ଥାତ୍ ଶୁଣାଉଥିଲେ । ଯୁଦ୍ଧରେ ଯେତେବେଳେ ବୀର ସିପାହୀମାନେ ମୁହାଁମୁହିଁ ହେବା ନିମନ୍ତେ ଆଗକୁ ଅଗ୍ରସର ହେଉଥିଲେ ସେତେବେଳେ ସେମାନେ ପରସ୍ପରକୁ ନିଜର ବଂଶ ସଂପର୍କରେ ଅବଶ୍ୟ ପଚାରୁଥିଲେ । ଯଦି କୌଣସି ନୀଚ ଜାତିର ସିପାହୀ ହେଉଥିଲା ତେବେ ସେମାନେ ସେହି ନୀଚ ଜାତିର ସିପାହୀକୁ ନିଜର ମୁକାବିଲା କରିବା ନିମନ୍ତେ ଅନୁମତି ପ୍ରଦାନ କରୁ ନଥିଲେ ।

ଆରବ୍ୟମାନଙ୍କ ମଧ୍ୟରେ ବର୍ଷ, ମାସ, ଚନ୍ଦ୍ର ହିସାବରେ ଗଣନା କରାଯାଉଥିଲା ଏବଂ ବାର ମାସ ମଧ୍ୟରେ ପ୍ରଥମ, ସପ୍ତମ ଓ ଶେଷ ଦୁଇ ମାସ ଅତି ସମ୍ମାନସ୍ପଦ ମାସ ବୋଲି ବିବେଚିତ ହେଉଥିଲା, ଯହିଁରେ ପ୍ରତ୍ୟେକ ପ୍ରକାରର ଯୁଦ୍ଧ ବର୍ଜିତ ଥିଲା । କିନ୍ତୁ ବେଳେବେଳେ ନିଜର ସୁବିଧା ସକାଶେ ଆରବର ଲୋକମାନେ ସେହି ମାସକୁ ମଧ୍ୟ

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2026-2028 Vol. 11 Thursday- 19 March 2026 Issue No. 12

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail : managerbadrqnd@gmail.com

ଅଗପଛ କରି ନେଉଥିଲେ । କାରଣ ଯଦି କୌଣସି ଅବଶ୍ୟକତା ପଡୁଥିଲା ତେବେ ସେହି ମାସରେ ମଧ୍ୟ ନିର୍ଭୟରେ ପାପ, ଯୁଦ୍ଧ କରିପାରିବେ । ଏହି ପ୍ରଥାକୁ ନସ୍ଇ ବୋଲି ସେମାନେ କହୁଥିଲେ । **(ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ.....) (ସିରତ୍ ଖାତମୁନ୍ ନବୀୟିନ୍, ପୃ-55-59, ପ୍ରକାଶନ ସ୍ଥାନ- କାଦିୟାନ୍, 2006 ମସିହା)**

☆--☆--☆

## ସିରତୁଲ୍ ମେହ୍‌ଦୀ

**ଲେଖକ. ହ. ମିର୍ଜା ବଶୀର୍ ଅହମଦ୍ ସାହେବ ଏମ୍.ଏ ର.ଅ**

ସେହି ବର୍ଣ୍ଣନାରେ ଯହିଁରେ ହ. ମସିହ୍ ମଉଦ୍ ଅ.ସଙ୍କ ମୁଣ୍ଡବ୍ୟଥା ସଂକ୍ରାନ୍ତରେ ମାତାଶ୍ରୀ ହିଷ୍ଟ୍ରିୟା ଶବ୍ଦ ବ୍ୟବହାର କିରଛନ୍ତି ତହିଁରୁ ସେହି ରୋଗ ଯଥାର୍ଥ ନୁହେଁ ଯାହା କୁକୁଚିକିତ୍ସା ଶାସ୍ତ୍ରରେ ହିଷ୍ଟ୍ରିୟା କୁହାଯାଏ । ବରଂ ଏହି ଶବ୍ଦଟି ଏଠାରେ ଏକ ଅଣ ଚିକିତ୍ସା ଢଙ୍ଗରେ ମୁଣ୍ଡବ୍ୟଥା ଏବଂ ହିଷ୍ଟ୍ରିୟାର ଆଂଶିକ ସାମଞ୍ଜସ୍ୟତା ଯୋଗୁଁ ବ୍ୟବହାର କରାଯାଇଛି । ଅନ୍ୟଥା ଯେପରି ଦ୍ୱିତୀୟ ଭାଗରେ ବର୍ଣ୍ଣନା ସଂଖ୍ୟା 365, 369ରେ ବ୍ୟାଖ୍ୟା କରାଯାଇ ସାରିଛି । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ,ସଙ୍କୁ ବାସ୍ତବରେ କୌଣସି ହିଷ୍ଟ୍ରିୟା ରୋଗ ନଥିଲା । ସୁତରାଂ ସ୍ୱୟଂ ହ. ମସିହ୍ ମଉଦ୍ ଅ.ସ ଯେଉଁଠି ବି ନିଜର ଲେଖନୀରେ ଉକ୍ତ ରୋଗର ଚର୍ଚ୍ଚା କରିଛନ୍ତି ସେଠାରେ ଏଥି ସଂକ୍ରାନ୍ତରେ କେବେ ବି ହିଷ୍ଟ୍ରିୟା ଶବ୍ଦ ପ୍ରୟୋଗ କରି ନାହାନ୍ତି ଓ ନା ହିଁ ଚିକିତ୍ସା ଶାସ୍ତ୍ର ଦୃଷ୍ଟିରୁ ମୁଣ୍ଡ ବ୍ୟଥାର କୌଣସି ସ୍ଥିତି ତଥା ଆବସ୍ଥାରେ ହିଷ୍ଟ୍ରିୟା କିମ୍ବା ମରାକ୍ କୁହାଯାଇପାରିବ । କେବଳ ସେତିକି ନୁହେଁ ବରଂ ମୁଣ୍ଡ ବ୍ୟଥାର ରୋଗ ନିମନ୍ତେ ଇଂରାଜୀରେ ପ୍ରାୟତଃ ଭର୍ଟିଗୋ ଶବ୍ଦ ବ୍ୟବହୃତ ହୋଇଛି । ଏହା ପ୍ରାୟତଃ ମୁଣ୍ଡବ୍ୟଥାର ହିଁ ଏକ କିସମ ଅଟେ ଯହିଁରେ ମୁଣ୍ଡ ବୁଲାଇଥାଏ ଏବଂ ବେକର ମାଂଶପେଶୀରେ ସଂକୁଚନ ଅନୁଭୂତ ହୋଇଥାଏ । ଏହି ଅବସ୍ଥାରେ ରୋଗୀ ପାଇଁ ଚାଲିବା କିମ୍ବା ଛିଡ଼ା ହେବା ଅତ୍ୟନ୍ତ କଷ୍ଟଦାୟକ ହୋଇ ଯାଇଥାଏ । କିନ୍ତୁ ଚୈତନ୍ୟାବସ୍ଥାରେ କୌଣସି ପ୍ରଭାବ ପଡ଼ି ନଥାଏ। ସୁତରାଂ ବିନୀତ ଲେଖକ ଅସଂଖ୍ୟ ଥର ହ. ମସିହ୍ ମଉଦ୍ ଅ.ସଙ୍କୁ ଉକ୍ତ ରୋଗର ଆକ୍ରମଣ ଅବସ୍ଥାରେ ଦେଖିଅଛି ଏବଂ କେବେ ବି ଏପରି ଅବସ୍ଥା ଦେଖି ନାହିଁ ଯହିଁରେ ଚୈତନ୍ୟାବସ୍ଥାରେ କୌଣସି ପ୍ରଭାବ ପଡ଼ିଥିବ । ହ. ମସିହ୍ ମଉଦ୍ ଅ.ସଙ୍କ ଏହି ରୋଗ ବାସ୍ତବରେ ଆଁହଜରତ୍ ସ.ଅଙ୍କ ଭବିଷ୍ୟବାଣୀ ଅନୁଯାୟୀ ଥିଲା ଯହିଁରେ ଏହା କୁହାଯାଇଥିଲା ଯେ, ମସିହ୍ ମଉଦ୍ ଦୁଇଟି ପୀତ ଅର୍ଥାତ୍ ହଳଦିଆ ଚଦରରେ (ଅର୍ଥାତ୍ ଦୁଇଟି ରୋଗରେ ଗୁଡ଼ାଇ ହୋଇ ଅବତୀର୍ଣ୍ଣ ହେବ । ଦେଖନ୍ତୁ ହଦିସ୍ (ମିଶକାତ୍, ବାବ୍-ଇଶ୍ରାତିସ୍ ସାଆତୁ, ପ୍ରାମାଣ୍ୟ ମୁସଲିମ୍ ହଦିସ୍ ଇତ୍ୟାଦି) । ଅନ୍ୟ ବର୍ଣ୍ଣନାମାନଙ୍କରେ ଯେଉଁ ଶବ୍ଦ ବ୍ୟବହୃତ ହୋଇଛି ଯେ, ପ୍ରଥମ ଆକ୍ରମଣ ଅର୍ଥାତ୍ ରୋଗର ଆକ୍ରମଣ ସମୟରେ ଆପଣ ଅ.ସ ଏକ କଳା ବସ୍ତୁ ଆକାଶ ଉପରକୁ ଉଠୁଥିବାର ଦେଖିଥିଲେ। ତେଣୁ ମୁଣ୍ଡ ବୁଲାଇବା ସମୟରେ ଏହା ଏକ ସାଧାରଣ କଥା ଯେ, ମୁଣ୍ଡ ବୁଲାଇବା ସମୟରେ ଆଖପାଖର ବସ୍ତୁ ଘୂର୍ଣ୍ଣନ (ଘୂରୁଥିବାର) ହେଉଥିବାର ଏବଂ ଉପରକୁ ଉଠୁଥିବାର ଦୃଶ୍ୟମାନ ହୋଇଥାଏ। ସେହି କାରଣରୁ ଏପରି ରୋଗ ଆକ୍ରମଣ ସମୟରେ ରୋଗୀ ନିଜର ଚକ୍ଷୁ ବନ୍ଦ କରି ନେଇଥାଏ । ସାଧାରଣତଃ ଏହି ବସ୍ତୁ କଳା ରୂପେ ଅବଲମ୍ବନ କରିନେଇଥାଏ ଏବଂ ରୋଗ ଆକ୍ରମଣରେ ଅଚେତ ପରି ଅବସ୍ଥା ହୋଇଯାଇଥାଏ । ଯେପରିକି ସ୍ୱୟଂ ଶବ୍ଦରୁ ମଧ୍ୟ ଏହାର ବାସ୍ତବିକତା ପ୍ରକଟିତ ହୋଇଥାଏ । ତହିଁରୁ ପ୍ରକୃତ ଅଚେତାବସ୍ଥା ଯଥାର୍ଥ ନୁହେଁ । ବରଂ ଅତ୍ୟଧିକ ଦୁର୍ବଳତା ଯୋଗୁଁ ଆଖି ନ ଖୋଲି ପାରିବା କିମ୍ବା ପରିସ୍ରା ନହେବା ଯଥାର୍ଥ ଅଟେ । ପ୍ରଭୁ ଅନ୍ତର୍ଯାମୀ ଅଟନ୍ତି ସେ ହିଁ ଭଲ ଭାବରେ ଜାଣନ୍ତି। ଅତିରିକ୍ତ ତଥ୍ୟ ଦେଖିବା ନିମନ୍ତେ ବର୍ଣ୍ଣନା ସଂଖ୍ୟା 81, 1293, 459 ମଧ୍ୟ ଦେଖନ୍ତୁ ଯହିଁରୁ ପ୍ରଶ୍ନ ଉପରେ ଅତିରିକ୍ତ ଆଲୋକପାତ ହୋଇଥାଏ ।

(20) بِسۡمِ اللّٰہِ الرَّحۡمٰنِ الرَّحِیۡمِ ପିତାଶ୍ରୀ ମୋତେ କହିଲେ, ହ. ମସିହ୍ ମଉଦ୍ ଅ.ସ ପ୍ରଥମ ବୈଅତ୍ ଲୁଧିୟାନା ଠାରେ ନେଇଥିଲେ । ପ୍ରଥମ ଦିନରେ 40 ଜଣ ବ୍ୟକ୍ତି ବୈଅତ୍ କରିଥିଲେ । ପୁନଶ୍ଚ ଆପଣ ଅ.ସ ଯେତେବେଳେ ଘରକୁ ଆସିଲେ ସେତେବେଳେ କେତେକ ମହିଳାମାନେ ବୈଅତ୍ କଲେ । ସର୍ବ ପ୍ରଥମ ମୌଲବୀ ନୁରୁଦ୍ଦୀନ୍ ସାହେବ ବୈଅତ୍ କରିଥିଲେ । ବିନୀତ ପଚାରିଲା ଯେ, ମୌଲବୀ ସାହେବ ! ଆପଣ କେବେ ବୈଅତ୍ କଲେ ? ମାତାଶ୍ରୀ କହିଲେ, ମୋ ସଂପର୍କରେ ଏହା ବିଖ୍ୟାତ ଯେ, ମୁଁ ବୈଅତ୍ କରିଲି ନାହିଁ । ଟଳାଇ ଦେଲି ଅନେକ ଦିନ ପରେ ମୁଁ ବୈଅତ୍ କଲି । ଏକଥା ଭୁଲ୍ ଅଟେ । କେବଳ ସେତିକି ନୁହେଁ ବରଂ ମୁଁ ଆପଣ ଅ.ସଙ୍କ ଠାରୁ କେବେ ବିଁ ପୃଥକ୍ ହୋଇ ନାହିଁ । ସର୍ବଦା ଆପଣ ଅ.ସଙ୍କ ସହିତ ରହିଥିଲେ ଏବଂ ପ୍ରାରମ୍ଭରୁ ହିଁ ନିଜର ବୈଅତ୍‌କୁ ବୁଝିଲି ଏବଂ ନିଜ ପାଇଁ ନିୟମିତ ଭିନ୍ନ ବୈଅତ୍‌ର ଆବଶ୍ୟକତା ମନେକଲି ନାହିଁ । ବିନୀତ କହେ, ମାତାଶ୍ରୀ ! ପ୍ରାରମ୍ଭିମକ ବୈଅତ୍ ସମୟରେ ହ. ମସିହ୍ ମଉଦ୍ ଅ.ସ ମସିହିୟତ୍ ଏବଂ ମେହ୍‌ଦୀୟତ୍‌ର ଦାବି କରି ନଥିଲେ ବରଂ ସାଧାରଣ ସୁଧାରକ ଏବଂ ସଂସ୍କାରକ ପନ୍ଥା ଅନୁଯାୟୀ ବୈଅତ୍ ନେଉଥିଲେ । ବିନୀତ ମାତାଶ୍ରୀଙ୍କୁ କହିଲା, ମାତାଶ୍ରୀ ! ହ. ମୌଲବୀ ସାହେବଙ୍କ ବ୍ୟତୀତ ଆଉ କିଏ ସବୁ ପ୍ରଥମ ଦିନରେ ବୈଅତ୍ କରିଥିଲେ ? ମାତାଶ୍ରୀ ମିଆଁ ଅବ୍‌ଦୁଲ୍ଲାଃ ସାହେବ ସନଓ୍ୱରୀ ଏବଂ ଶେଖ୍ ହାମିଦ୍ ଅଲୀ ସାହେବଙ୍କ ନାମ ନେଲେ ।

(21) بِسۡمِ اللّٰہِ الرَّحۡمٰنِ الرَّحِیۡمِ ମାତାଶ୍ରୀ ମୋତେ କହିଲେ, ହ. ମସିହ୍ ମଉଦ୍ ଅ.ସ ଯେତେବେଳେ ନିଜକୁ ମସିହ୍ ହେବାର ଦାବି ପ୍ରସଙ୍ଗ ପ୍ରକାଶିତ କରିବାକୁ ଲାଗିଲେ ସେତେବେଳେ ଆପଣ ଅ.ସ କାଦିୟାନ୍‌ରେ ଥିଲେ ଆପଣ ଏଥି ସଂକ୍ରାନ୍ତରେ ପ୍ରାରମ୍ଭିକ ପତ୍ରିକାରେ ଏହା ହିଁ ଉଲ୍ଲେଖ କଲେ । ପୁନଶ୍ଚ ଆପଣ ଲୁଧିୟାନ ପ୍ରସ୍ଥାନ କଲେ ଏବଂ ସେଠାରୁ ନିଜର ଦାବି ପ୍ରକାଶିତ କଲେ । ମାତାଶ୍ରୀ କହିଲେ, ଦାବି ପ୍ରକାଶିତ କରିବା ପୂର୍ବରୁ ଆପଣ ଅ.ସ ମୋତେ କହିଥିଲେ ଯେ, ମୁଁ ଏପରି ଏକ କଥାର ଘୋଷଣା କରିବାକୁ ଯାଉଛି ଯଦ୍ଦ୍ୱାରାକି ଦେଶରେ ବିରୋଧର ସ୍ୱର ସୃଷ୍ଟି ହେବ । ମାତାଶ୍ରୀ କହିଲେ, ଏହି ଘୋଷଣା ଦ୍ୱାରା କେତେକ ପ୍ରାରମ୍ଭିକ ବୈଅତ୍‌କାରୀ ପଥଚ୍ୟୁତ ହୋଇଥିଲେ ।

(22) بِسۡمِ اللّٰہِ الرَّحۡمٰنِ الرَّحِیۡمِ ମାତାଶ୍ରୀ ମୋତେ କହିଲେ, ଏକଦା ହ. ମସିହ୍ ମଉଦ୍ ଅ.ସ ସିୟାଲ୍‌କୋଟ୍‌ରେ ମୀର୍ ହାମିଦ୍ ଶାହ୍ ସାହେବଙ୍କ ଘରେ ଥିଲେ ଏବଂ ବିଶ୍ରାମ କରୁଥିଲେ । ମୁଁ ଆପଣଙ୍କ ତୁଣ୍ଡରେ ଏକ ବାକ୍ୟ ଜାରି ହେଉଥିବା ଶୁଣିଲି। ମୁଁ ଭାବିଲି ଯେ, ବୋଧେ ଆପଣ ଅ.ସଙ୍କ ଉପରେ ଇଲହାମ୍ (ଐଶୀବାଣୀ) ହୋଇଛି। ପୁନଶ୍ଚ ଆପଣ ଅ.ସ ଚେଇଁ ଉଠିଲେ, ସେତେବେଳେ ମୁଁ କହିଲି, ହେ ସ୍ୱାମୀ ମହୋଦୟ! କ'ଣ ଆପଣଙ୍କୁ ଏହି ଐଶୀବାଣୀ ହୋଇଛି କି ? ଆପଣ ଅ.ସ କହିଲେ, ହଁ । ତୁମକୁ କିପରି ଜ୍ଞାତ ହେଲା ବା ତୁମେ କିପରି ଜାଣିବାକୁ ପାଇଲ ? ମୁଁ କହିଲି, ମୋତେ ସ୍ୱର ଶୁଭିଥିଲା । ବିନୀତ ପଚାରିଲା ଯେ, ମାତାଶ୍ରୀ ! ଇଲ୍‌ହାମ୍ ସମୟରେ ପିତାଶ୍ରୀଙ୍କ ଅବସ୍ଥା କିପରି ହେଉଥିଲା ? ମାତାଶ୍ରୀ ଉତ୍ତର ଦେଲେ, ଇଲହାମ୍ ହେବା ସମୟରେ ତୁମ୍ଭ ପିତାଶ୍ରୀଙ୍କ ମୁଖମଣ୍ଡଳ ଲାଲ୍ ହୋଇଯାଉଥିଲା ଏବଂ ମଥାରେ ଝାଳ ଆସି ଯାଉଥିଲା । ବିନୀତ କହୁଛି ଯେ, ଏକଦା ହ. ମସିହ୍ ମଉଦ୍ ଅ.ସ ନିଜ ଘରର ଛୋଟ ପ୍ରାଙ୍ଗଣରେ (ଅର୍ଥାତ୍ ମାତାଶ୍ରୀଙ୍କ ଯେଉଁ ସାଂପ୍ରତିକ ପ୍ରାଙ୍ଗଣ) ଏକ କାଠ ବେଞ୍ଚ୍ ଉପରେ ବସିଥିଲେ । ସମ୍ଭବତଃ ସକାଳ କିମ୍ବା ସନ୍ଧ୍ୟା ସମୟ ଥିଲା । ଆପଣ ଅ.ସଙ୍କୁ କିଛି ନିଦ ଲାଗିଲା, ସେତେବେଳେ ଆପଣ ଶୋଇ ପଡ଼ିଲେ । ପୁନଶ୍ଚ ମୁଁ ଆପଣ ଅ.ସଙ୍କ ଓଠରୁ କିଛି ସ୍ୱର ଶୁଣିଲି । ସେହି ସ୍ୱରକୁ ଆମେମାନେ ବୁଝି ପାରିଲୁ ନାହିଁ। ପୁନଶ୍ଚ ଆପଣ ଅ.ସ ଯେତେବେଳେ ଜାଗ୍ରତ ହେଲେ ସେତେବେଳେ କହିଲେ, ମୋତେ ବର୍ତ୍ତମାନ ଏହି ଐଶୀବାଣୀ ହୋଇଛି । କିନ୍ତୁ ବିନୀତକୁ ସେହି ଐଶୀବାଣୀ ମନେ ରହିଲା ନାହିଁ । ମାତାଶ୍ରୀ କହିଲେ, ଯେତେବେଳେ ଆପଣଙ୍କୁ ଐଶୀବାଣୀ ହୋଇଥିଲା ସେତେବେଳେ ଆପଣ ଅ.ସ ତନ୍ଦ୍ରାବସ୍ଥାରୁ (ନିଦ୍ରାବସ୍ଥା, ଢୁଳାଇବା ଅବସ୍ଥା, ଟିକେ ଆଖି ଲାଗିଯିବା) ତୁରନ୍ତ ଜାଗ୍ରତ (ଉଠି) ହୋଇ ଯାଉଥିଲେ ଏବଂ ଐଶୀବାଣୀକୁ ଲେଖାଇ ନେଉଥିଲେ । ପ୍ରଥମେ ପ୍ରଥମେ ଆପଣ ଅ.ସ ନିଜର କୌଣସି ସାଧାରଣ ପୁସ୍ତକ ଉପରେ ଐଶୀବାଣୀକୁ ଉଲ୍ଲେଖ କରାଇ ନେଉଥିଲେ । ପୁନଶ୍ଚ ଆପଣ ଏକ ବଡ଼ ସାଇଜ୍‌ର ଖାତା ତିଆରି କଲେ । ତପ୍ରେ ଏକ ଛୋଟ ଖାତା ମଧ୍ୟ ତିଆରି କଲେ। କିନ୍ତୁ ଆପଣ ପୃଥୁଳାକାୟା ନୋଟ୍ ବୁକ୍ (ଖାତା)ଟିଏ ତିଆରି କରିଥିଲେ । ବିନୀତ ପଚାରିଲା ଯେ, ପିତାଶ୍ରୀ ! ବର୍ତ୍ତମାନ ସେହି ନୋଟ୍ ବୁକଟି କେଉଁଠି ଅଛି ? ପିତାଶ୍ରୀ କହିଲେ, ପୁତ୍ର ! ତୁମର ଭାଇ (ଭାଇରୁ ଯଥାର୍ଥ ହ.ମିର୍ଜା ବଶୀରୁଦ୍ଦୀନ ମହମୁଦ୍ ଅହମଦ ସାହେବ, ଖଲିଫତୁଲ୍ ମସିହୁସ୍ ସାନି ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍)ଙ୍କ ପାଖରେ ଅଛି । ବିନୀତର ମାମୁଁ ଡାକ୍ତର ମୀର୍ ମୁହମ୍ମଦ୍ ଇସ୍‌ମାଇଲ୍ ସାହେବ ମଧ୍ୟ ବର୍ଣ୍ଣନା କରୁଥିଲେ ଯେ, ଏକଦା ମୁଁ ମଧ୍ୟ ହ. ମସିହ୍ ମଉଦ୍ ଅ.ସଙ୍କୁ ଇଲ୍‌ହାମ୍ (ଐଶୀବାଣୀ) ହେଉଥିବାର ଦେଖିଥିଲି । **(ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ.....) (ସିରତୁଲ୍ ମେହଦୀ, ଗ୍ରନ୍ଥଖଣ୍ଡ-1, ପୃ-15-18, ପ୍ରକାଶନ ସ୍ଥାନ-କାଦିୟାନ୍)**

☆☆☆

## ପୃ-10ରେ ବର୍ଣ୍ଣିତ ତଫ୍‌ସିର୍ କବିର୍‌ର ଅବଶିଷ୍ଟାଂଶ

ମିଳିତ ଭାବରେ ସଂପୂର୍ଣ୍ଣ କରୁଥିଲେ। ସେହି ଦିନମାନଙ୍କରେ ରସୁଲ୍ କରୀମ୍ ସ.ଅ ମେଘ ଆଣୁଥିବା ବାୟୁ ଅପେକ୍ଷା ସର୍ବାଧିକ ଉଦାର ଏବଂ ସଦୟଭାବ ପ୍ରଦର୍ଶନ କରୁଥିଲେ । **(ତଫ୍‌ସିର୍ କବିର୍, ଗ୍ରନ୍ଥଖଣ୍ଡ-1, ପୃ-394-395)**☆☆☆

## ଉର୍ଦ୍ଦୁ ନଜମ୍ ହ. ମସିହ୍ ମଉଦ୍ ଅ.ସ

جمال و حسن قرآں نورِ جان ہر مسلماں ہے　قمر ہے چاند اوروں کا ہمارا چاند قرآں ہے
نظیر اسکی نہیں جمتی نظر میں فکر کر دیکھا　بھلا کیونکر نہ ہو یکتا کلامِ پاک رحماں ہے
بہار جاوِداں پیدا ہے اسکی ہر عبادت میں　نہ وہ خوبی چمن میں ہے نہ اُس سا کوئی بستاں ہے

☆☆☆

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan